بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 26

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

25 ଜୁନ୍ 2020 | 25 ଏହ୍‌ସାନ 1399 ହି.ଶ | 03 ଜୁଲ୍‌କାଦାଃ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ یُّطِعِ اللّٰہَ وَرَسُوۡلَہٗ یُدۡخِلۡہُ جَنّٰتٍ تَجۡرِیۡ مِنۡ تَحۡتِہَا الۡاَنۡہٰرُ خٰلِدِیۡنَ فِیۡہَا ؕ وَذٰلِکَ الۡفَوۡزُ الۡعَظِیۡمُ ○ (النساء:14)

ଅନୁବାଦ- ଏବଂ ଯେଉଁ (ବ୍ୟକ୍ତି)ମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କର ଆଜ୍ଞାପାଳନ କରିବେ ସେମାନଙ୍କୁ ସେ ଏପରି ଉଦ୍ୟାନରେ ପ୍ରବେଶ କରାଇବେ ଯାହାର ନିମ୍ନଦେଶରେ ଝରଣା ପ୍ରବାହିତ ହେଉଥିବ; ସେମାନେ ସେଠାରେ ସର୍ବଦା ରହିବେ ଏବଂ ଏହା ଏକ ମହାନ୍ ସାଫଲ୍ୟ ।

*(ଆଲେ ଇମରାନ୍: ୧୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ପାପ ସେତେବେଳେ ସୃଷ୍ଟି ହୋଇଥାଏ ଯେତେବେଳେ ଗୈରୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାର) ପ୍ରେମ ହୃଦୟରେ ସୃଷ୍ଟି ହୋଇଥାଏ ଓ ଧିରେ ଧିରେ ତାହା ମନକୁ କବଳିତ କରିନେଇଥାଏ । ଅତଏବ୍ ପାପରୁ ବଂଚିବା ପାଇଁ ଓ ସୁରକ୍ଷିତ ରହିବାକୁ ହେଲେ ଏହା ମଧ୍ୟ ଏକ ମାଧ୍ୟମ ଯେ ମଣିଷ ମୃତ୍ୟୁକୁ ମନେରଖୁ ଓ ଖୁଦାତାଲାଙ୍କ ସ୍ତମ୍ଭିଭୂତ କରିଦେଉଥିବା ପ୍ରକୃତିକୁ ଅଧ୍ୟୟନ କରିଚାଲୁ । କାରଣ ଏହାଦ୍ୱାରା ଈଶ୍ୱର ପ୍ରେମ ଓ ଇମାନ୍ ବଢ଼ିଥାଏ ଏବଂ ଯେତେବେଳେ ଖୁଦାତାଲାଙ୍କ ପ୍ରେମ ହୃଦୟ ଭିତରେ ସୃଷ୍ଟି ହୋଇଯାଏ ସେତେବେଳେ ସେ ପାପକୁ ନିଜେ ଜଳାଇ ଭଷ୍ମ କରିଦିଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପାପର ବାସ୍ତବିକତା ଓ ସେଥିରୁ ମୁକ୍ତି ପାଇବାର ସାଧନ

ମୁଁ ଏଠାରେ ଏକଥା ସୁଚାଇ ଦେବାକୁ ଚାହୁଁଛି ଯେ ପାପ କାହିଁକି ସୃଷ୍ଟି ହୋଇଥାଏ? ଏହି ପ୍ରଶ୍ନର ସରଳ ଭାଷାରେ ଉତର ଏହା ହେବ କି ଯେତେବେଳେ ଗୈରୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ ସହିତ) ପ୍ରେମ ମରିଷର ହୃଦୟରେ ଘର କରି ବସେ, ସେତେବେଳେ ତାହା ଏହି ସଫା ଆଇନା ଉପରେ ଏକ ପ୍ରକାରର କଳଙ୍କ ସୃଷ୍ଟି କରିଦିଏ । ଯାହା ଫଳରେ ତାହା ଧିରେ ଧିରେ ସମ୍ପୂର୍ଣ୍ଣ ରୂପେ ଅନ୍ଧକାରମୟ ହୋଇଯାଏ ଏବଂ ଅପରିଚୟତା ନିଜର ଘର କରି ତାହାକୁ ଖୁଦାଙ୍କଠାରୁ ଦୂରେଇ ଦେଇଥାଏ ଏବଂ ଏହା ହେଉଛି ଶିର୍କ (ଅନେକଶ୍ୱରବାଦ) ର ମୂଳ କାରଣ । କିନ୍ତୁ ଯେବେ ହୃଦୟ ଭିତରେ ଅଲ୍ଲାଃ ତାଲା ଏବଂ କେବଳ ଅଲ୍ଲାଃ ତାଲାଙ୍କ ପ୍ରେମ ହିଁ ନିଜର କବ୍‌ଜା ଯମାଇଥାଏ ସେତେବେଳେ ତାହା ଅସଲ ସ୍ଥାନକୁ ଚାଲି ଆସେ । ଅଙ୍ଗପ୍ରତ୍ୟେଙ୍ଗ ଭାଙ୍ଗି ଗଲେ ପୁଣି ତାହାକୁ ଯଥା ସ୍ଥାନରେ ରଖିଲା ବେଳକୁ ଯେମିତି କଷ୍ଟ ହୋଇଥାଏ । କିନ୍ତୁ ଭାଙ୍ଗି ଯାଇଥିବା ଅଙ୍ଗଟି ବହତୁ କଷ୍ଟ ଦେଇଥାଏ ଓ ତାହା ପୂନର୍ବାର ଯଥା ସ୍ଥାନରେ ଚଢ଼ାଇଲା ବେଳେ ଅସ୍ଥାୟି ଭାବେ କଷ୍ଟ ହୋଇଥାଏ, ତା'ପରେ ପୁଣି ଆରାମ ଲାଗିଥାଏ । କିନ୍ତୁ ଯଦି ସେହି ଅଙ୍ଗଟି ସେହିପରି ଭଙ୍ଗା ଅବସ୍ଥାରେ ପଡ଼ି ରହେ, ତେବେ ଏପରି ଏକ ସମୟ ଆସିଥାଏ ଯେ ତାକୁ ସମ୍ପୂର୍ଣ୍ଣରୂପେ କାଟିଦେବାକୁ ପଡ଼ିଥାଏ । ସେହିପରି ପୂର୍ଣ୍ଣ ଦୃଢ଼ତା ହାସଲ କରିବାପାଇଁ ହେଲେ ପ୍ରଥମତଃ ପ୍ରାରମ୍ଭିକ ସ୍ତରରେ ଏହି ଭଳି ଦୁଃଖ ଓ କଷ୍ଟ ଆସିଥାଏ କିନ୍ତୁ ତାହା ହାସଲ ହେବା ପରେ ଏକ ସ୍ଥାୟୀ ଆଶ୍ୱାସନା ଓ ଆନନ୍ଦ ମିଳିଥାଏ । ରସୁଲୁଲ୍ଲାଃ ସ:ଆ:ସଙ୍କୁ ଯେବେ ଏହି ନିର୍ଦ୍ଦେଶ ହେଲା **ଫସ୍‌ତକିମ୍ କମା ଉମିର୍‌ତା** (ହୁଦ:୧୧୩) ଲେଖା ମିଳୁଛି ଯେ ସେତେବେଳେ ଆପଣ ସ:ଆ:ସଙ୍କର କୌଣସି ପାଚିଲା କେଶ ନଥିଲା । (କିନ୍ତୁ ଏହି ନିର୍ଦ୍ଦେଶ ଅବତୀର୍ଣ୍ଣ ହେବାପରେ) ପୁଣି କେଶ ପାଚିବା ଆରମ୍ଭ ହୋଇଗଲା ତେଣୁ ଆଁ ହଜ୍‌ରତ୍ ସ:ଆ:ସ କହିଲେ ମତେ ସୁରଃ ହୁଦ୍ ବୁଢ଼ା କରିଦେଇଛି ।

ଉଦ୍ଦେଶ୍ୟ ହେଉଛି ଏହା କି ଯେ ପର୍ଯ୍ୟନ୍ତ ମଣିଷ ମୃତ୍ୟୁକୁ ଅନୁଭବ ନ କରିଛି ସେ ପୂଣ୍ୟକର୍ମ ପ୍ରତି ଢ଼ଳିପାରିବ ନାହିଁ । ମୁଁ ଏକଥା ବତାଇ ସାରିଛି ଯେ ପାପ ସେତେବେଳେ ସୃଷ୍ଟି ହୋଇଥାଏ ଯେତେବେଳେ ଗୈରୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ କାହାର) ପ୍ରେମ ହୃଦୟରେ ସୃଷ୍ଟି ହୋଇଥାଏ ଓ ଧିରେ ଧିରେ ତାହା ମନକୁ କବଳିତ କରିନେଇଥାଏ । ଅତଏବ୍ ପାପରୁ ବଂଚିବା ପାଇଁ ଓ ସୁରକ୍ଷିତ ରହିବାକୁ ହେଲେ ଏହା ମଧ୍ୟ ଏକ ମାଧ୍ୟମ ଯେ ମଣିଷ ମୃତ୍ୟୁକୁ ମନେରଖୁ ଓ ଖୁଦାତାଲାଙ୍କ ସ୍ତମ୍ଭିଭୂତ କରିଦେଉଥିବା ପ୍ରକୃତିକୁ ଅଧ୍ୟୟନ କରିଚାଲୁ । କାରଣ ଏହାଦ୍ୱାରା ଈଶ୍ୱର ପ୍ରେମ ଓ ଇମାନ୍ ବଢ଼ିଥାଏ ଏବଂ ଯେତେବେଳେ ଖୁଦାତାଲାଙ୍କ ପ୍ରେମ ହୃଦୟ ଭିତରେ ସୃଷ୍ଟି ହୋଇଯାଏ ସେତେବେଳେ ସେ ପାପକୁ ନିଜେ ଜଳାଇ ଭଷ୍ମ କରିଦିଏ ।

ପାପରୁ ବଂଚିବାର ଦ୍ୱିତୀୟ ମାଧ୍ୟମ ହେଉଛି ମୃତ୍ୟୁକୁ ଅନୁଭବ କରିବା । ଯଦି ମଣିଷ ମୃତ୍ୟୁକୁ ନିଜ ସମ୍ମୁଖରେ ରଖେ ତେବେ ସେ ସେହି କୁକର୍ମ ଓ ଅଦୂରଦୃଷ୍ଟିତାରୁ ବର୍ତିଯିବ ଏବଂ ଖୂଦାତାଲାଙ୍କ ଉପରେ ତାକୁ ଏକ ନୂଆ ବିଶ୍ୱାସ ହାସଲ ହେବ ଓ ନିଜର ବିଗତ ପାପକର୍ମ ଯୋଗୁଁ ତୌବାଃ (ପଶ୍ଚାତାପ) ଏବଂ ଲଜ୍ଜିତ ହେବାର ଅବସର ମିଳିଯିବ । ନିମିତ ମଣିଷର ଅସ୍ତିତ୍ୱ କଣ? କେବଳ ଗୋଟିଏ ନିଶ୍ୱାସ ପ୍ରଶ୍ୱାସ ଉପରେ ନିର୍ଭର । ତେବେ ପୁଣି କାହିଁକି ସେ ପରକାଳ ବିଷୟ ଚିନ୍ତା କରୁନାହିଁ ଓ ମୃତ୍ୟୁକୁ ଭୟ କରୁନାହିଁ । ପାଶବିକ ଆବେଗର ଅଧିନ ଓ ଦାସ ହୋଇ ବୟସ ନଷ୍ଟ କରିଦେଉଛି । ମୁଁ ଦେଖିଛି ଯେ ହିନ୍ଦୁମାନଙ୍କୁ ମଧ୍ୟ ମୃତ୍ୟୁର ଅନୁଭବ ହୋଇଛି । ବଟାଲାରେ କିଶନ୍‌ଚନ୍ଦ ନାମକ ଜଣେ ଭଣ୍ଡାରୀ ଯାହାଙ୍କ ବୟସ ସତୁରୀ ବା ବାସ୍ତରୀ ବର୍ଷ ଥିଲା, ସେ ତା ଘରଦ୍ୱାର ସବୁକିଛି ଛାଡ଼ି ଯାଇ କାଶିରେ ରହିଲା ଓ ସେଠାରେ ମରିଗଲା । ଏହା କେବଳ ଏଥିଯୋଗୁଁ କି ସେଠାରେ ମରିଲେ ତାକୁ ମୋକ୍ଷ ମିଳିବ । କିନ୍ତୁ ତା'ର ଏ ଧାରଣା ମିଥ୍ୟା ଥିଲା କିନ୍ତୁ ଏଥିରୁ ଏତିକି ତ ଭଲ ପରିଣାମ ଆମେ ବାହାର କରିପାରିବା ଯେ ସେ ମୃତ୍ୟୁକୁ ଅନୁଭବ କଲା ଏବଂ ମୃତ୍ୟୁର ଅନୁଭବ ମଣିଷକୁ ସାଂସାରୀକ ମାୟା ମୋହରେ ସମ୍ପୂର୍ଣ୍ଣ ରୂପେ ମଜ୍ଜି ରହିବା ଓ ଖୁଦାଙ୍କଠାରୁ ଦୂରେଇ ରହିବାରୁ ବଂଚାଇଥାଏ । କାଶିରେ ଯାଇ ମରିବା ଦ୍ୱାରା ମୁକ୍ତି ମିଳିବ ବୋଲି ଯେଉଁ ଧାରଣା ତା'ର ଥିଲା ତାହା ସେହି ମଖ୍‌ଲୁକ୍ ପରସ୍ତି (ଅର୍ଥାତ ଈଶ୍ୱରଙ୍କୁ ଛାଡ଼ି ଅନ୍ୟ କାହାର ଉପାସନା କରିବା)ର ପରଦା ଥିଲା ଯାହା ତା ହୃଦୟ ଉପରେ ପଡ଼ି ରହିଥିଲା । କିନ୍ତୁ ମତେ ତ ଭିଷଣ ଦୁଃଖ ଲାଗୁଛି ଯେ ମୁସଲମାନମାନଙ୍କୁ ଦେଖୁଛି କି ସେମାନେ ସେହି ହିନ୍ଦୁମାନଙ୍କ ପରି ମଧ୍ୟ ମୃତ୍ୟୁର ଅନୁଭବ କରୁନାହାନ୍ତି । ରସୁଲୁଲ୍ଲାଃ ସ:ଆ:ସଙ୍କୁ ଦେଖ କେବଳ ସେହି ଗୋଟିଏ ହୁକୁମ୍ ଅର୍ଥାତ **ଫସ୍‌ତକିମ୍ କମା ଉମିର୍‌ତା** (ହୁଦ୍:୧୧୩) ବୁଢ଼ା କରିଦେଲା । କିଭଳି ମୃତ୍ୟୁର ଅନୁଭବ ଥିଲା ।

ଆପଣ ସ:ଆ:ସଙ୍କର ଏପରି ଅବସ୍ଥା କାହିଁକି ହେଲା । କେବଳ ଏଥିପାଇଁ ଯେ ଆମେ ସେଥିରୁ ଶିକ୍ଷା ନେବା । ନଚେତ ରସୁଲୁଲ୍ଲାଃ ସ:ଆ:ସଙ୍କ ପବିତ୍ରମୟ ଜୀବନରେ ଏହାଠାରୁ ବଳି ଆଉ କଣ ପ୍ରମାଣ ହୋଇପାରେ ଯେ ଅଲ୍ଲାଃ ତାଲା ଆପଣଙ୍କୁ ପୂର୍ଣ୍ଣ ସଂସ୍କାରକ ରୂପେ ଓ ପୁଣି କୟାମତ୍ ପର୍ଯ୍ୟନ୍ତ ଓ ତତ୍‌ସହିତ ସାରା ଜଗତ ପାଇଁ ନିୟୋଜିତ କରିଛନ୍ତି । କିନ୍ତୁ ଆପଣ ସ:ଆ:ସଙ୍କ ଜୀବନର ସମସ୍ତ ଘଟଣାବଳୀ ଗୋଟିଏ ବ୍ୟବହାରିକ ଶିକ୍ଷାର ଗ୍ରନ୍ଥାବଳୀ । ଯେଉଁଭଳି ପବିତ୍ର କୁର୍‌ଆନ୍ ଆଲ୍ଲାଃ ତାଲାଙ୍କ ମୁଖ ନିସୃତ ପୁସ୍ତକ ଓ ପ୍ରକୃତିର ନିୟମାବଳୀ ତାହାର ବ୍ୟବହାରିକ ପୁସ୍ତକ ଅଟେ ସେହିଭଳି ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନୀ ମଧ୍ୟ ଏକ ବ୍ୟବହାରିକ ପୁସ୍ତକ ଅଟେ ଯାହା ପବିତ୍ର କୁର୍‌ଆନ୍‌ର ବ୍ୟାଖ୍ୟା ଓ ଭାବ ଅଟେ । ମତେ ତିରିଶି ବର୍ଷ ବୟସରେ ଚୁଟି ଧଳା ହୋଇଯାଇଥିଲା ଓ ମୋ ବାପା ମିର୍ଜା ସାହେବ ମର୍‌ହମୁ ଏବେ ଜୀବିତ ହିଁ ଥିଲେ । ଧଳାଚୁଟି ମଧ୍ୟ ଏକ ପ୍ରକାରର ମୃତ୍ୟୁର ଲକ୍ଷଣ ହୋଇଥାଏ । ଯେତେବେଳେ ବୃଦ୍ଧାବସ୍ଥା ଆସିଥାଏ, ଯାହାର ଲକ୍ଷଣ ଏହି ଧଳା ଚୁଟି, ସେତେବେଳେ ମଣିଷ ଜାଣି ନେଇଥାଏ ଯେ ଏବେ ମୃତ୍ୟୁର ଦିନ ନିକଟତର କିନ୍ତୁ ଦୁଃଖର କଥା ହେଉଛି ଏହା କି ସେ ସମୟରେ ମଧ୍ୟ ମଣିଷ ଚିନ୍ତା କରୁନାହିଁ । ମୋମିନ୍ (ବିଶ୍ୱାସକାରୀ) ତ ଗୋଟିଏ ପକ୍ଷୀଠାରୁ ମଧ୍ୟ ଓ ପଶୁମାନଙ୍କଠାରୁ ମଧ୍ୟ ଉତମ ଚରିତ୍ର ଶିଖିପାରେ । କାରଣ ଖୁଦାତାଲାଙ୍କ ଖୋଲା ପୁସ୍ତକ ତା ସମ୍ମୁଖରେ ରହିଛି । ଏ ଦୁନିଆରେ ଯେତେ ପ୍ରକାରର ବସ୍ତୁ ଅଲ୍ଲାଃ ତାଲା ସୃଷ୍ଟି କରିଛନ୍ତି ତାହା ସବୁ ମଣିଷ ପାଇଁ ଶାରିରୀକ ରୂପେ ଓ ଆଧାତ୍ମିକ ରୂପେ ଉଭୟ ପ୍ରକାରର ଆନନ୍ଦ ଦେଇଥାଏ ମୁଁ ହଜ୍‌ରତ୍ ଜୁନୈଦ୍ ରହେମତୁଲ୍ଲାଃ ଆଲୈହେଙ୍କ ତଜ୍‌କରାଃରେ ପଢ଼ିଛି ଯେ, ସେ କହୁଥିଲେ ମୁଁ ବିଲେଇଠାରୁ ଯେ ଧ୍ୟାନ ଓ ତପ କରିବାର ଶିକ୍ଷା ପାଇଛି । ଯଦି ମଣିଷ ଅତ୍ୟନ୍ତ ଧ୍ୟାନର ସହିତ ଦେଖିବ ତେବେ ସେ ଜାଣିପାରିବ ଯେ ପଶୁମାନେ ସ୍ୱଷ୍ଟ ବ୍ୟବହାରିକ ଚରିତ୍ର ରଖିଥାନ୍ତି । ମୋ ଧର୍ମରେ ସମସ୍ତ ପଶୁପକ୍ଷୀ ଗୋଟିଏ ଗୋଟିଏ ଚରିତ୍ର ଅଟନ୍ତି ଏବଂ ମଣିଷ ସେ ସବୁର ସମାହାରର ନାମ । ଏହା ହେଉଛି ସମସ୍ତ ଜୀବନର ସଂଗ୍ରାହଳୟ, ସେଥିଯୋଗୁଁ ତାକୁ ଛୋଟ ବିଶ୍ୱ ବୋଲି କୁହାଯାଇଥାଏ କାରଣ ସମଗ୍ର ଜୀବଜଗତର ଗୁଣ ମଣିଷ ଭିତରେ ଏକାଠି ଜମା ହୋଇଛି ଏବଂ ସମଗ୍ର ମାନବଜାତିର ଗୁଣ ମୋଟା ମୋଟି ଭାବେ ଆମ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଏକତ୍ରୀତ ହୋଇଯାଇଅଛି । ସେଥିଯୋଗୁଁ ଆପଣ ସ:ଆ:ସ ସାରା ଦୁନିଆ(ର ସୁଧାର) ନିମନ୍ତେ ପ୍ରେରିତ ହେଲେ ଓ ରହ୍‌ମତୁଲ୍ ଲିଲ୍ ଆଲମୀନ୍ ବୋଲାଇଲେ । **ଇନ୍ନକା ଲାଅଲା ଖୁଲୁକିନ୍ ଅଜିମ୍** (ଅଲ୍‌କଲମ୍:୫) (ଅର୍ଥାତ: ତୁମ୍ଭେ ଉନ୍ନତ ମାନର ଚରିତ୍ର ଉପରେ ପ୍ରତିଷ୍ଠିତ ଅଛି) ରେ ମଧ୍ୟ ଏହି ମାନବୀୟ ଗୁଣର ସମାହାର ପ୍ରତି ଇଶାରା କରାଯାଇଅଛି । ଏହି ରୂପରେ ମୁହମ୍ମଦ ସ:ଆ:ସଙ୍କ ମହାନ ଚରିତ୍ରକୁ ଅନୁଧ୍ୟାନ କରାଯାଇପାରେ ଏବଂ ଏହି କାରଣ ଯୋଗୁଁ ଆପଣ ସ:ଆ:ସଙ୍କ ଉପରେ ପୂର୍ଣ୍ଣ ନବୁଓ୍ୱତ୍‌ର ଗୁଣ ବିଶେଷସବୁ ଶେଷ ହୋଇଅଛି । ଏହା ଏକ ପ୍ରମାଣ ସିଦ୍ଧ କଥା ଯେ କୌଣସି ବସ୍ତୁର ସମାପ୍ତି ତାହାର ଚରମ ଉଦ୍ଦେଶ୍ୟ ପ୍ରାପ୍ତ ହେବାପରେ ହିଁ ହୋଇଥାଏ । ଉଦାହରଣ ସ୍ୱରୁପ ଯେତେବେଳେ ଗୋଟିଏ ପୁସ୍ତକର ସମସ୍ତ ଅର୍ଥ ବର୍ଣ୍ଣନା ହୋଇଯାଏ, ସେତେବେଳେ ତାହାର ସମାପ୍ତି ଘଟିଥାଏ । ସେହି ଅନୁରୂପ ରିସାଲତ୍ (ଅବତାରତ୍ୱ) ଏବଂ ନୁବଓ୍ୱତ୍‌ର ଚରମ ଉଦ୍ଦେଶ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ହିଁ ଶେଷ ହୋଇଅଛି । ଖତ୍‌ମେ ନବୁଓ୍ୱତ୍‌ର ଏହା ହେଉଛି ପ୍ରକୃତ ଅର୍ଥ । କାରଣ ଏହା ଏକ ସିଲ୍‌ସିଲା (ଧାରା) ଯାହା ପୂର୍ବରୁ ଚାଲିଆସିଛି ଓ ପୂର୍ଣ୍ଣମାନବଙ୍କ ଠାରେ ଆସି ସମାପ୍ତ ହୋଇଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୪୯-୧୫୨ ପ୍ରକାଶନ୨୦୧୮ କାଦିୟାନ)*

ପୃଷ୍ଠା- ୦୮ ର ଅବଶିଷ୍ଟାଂଶ ......

ହେବ ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ତାହାର କୁପ୍ରଭାବରୁ ସୁରକ୍ଷିତ ରଖିବାପାଇଁ ପ୍ରାର୍ଥନା କରିବା । ଏହି ପରିସ୍ଥିତି ଯୋଗୁଁ ଯମାତ୍‌ର କାର୍ଯ୍ୟରେ ଓ ଯୋଜନାରେ ମଧ୍ୟ କୌଣସି ପ୍ରତିବନ୍ଧକ ନ ଉପୁଜୁ ଏବଂ ଅଲ୍ଲାଃ ତାଲା ନିଜ କୃପା ବଳରେ ଯମାତ୍‌ର ଉନ୍ନତି ମାର୍ଗ ପ୍ରଶସ୍ତ କରନ୍ତୁ । ଆମିନ୍

ଏହିଭଳି ପରିସ୍ଥିତିରେ ଆର୍ଥିକ ତ୍ୟାଗ କରୁଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃ ତାଲା ତାଙ୍କ ଧନଜୀବନରେ ବରକତ୍ ପ୍ରଦାନ କରନ୍ତୁ । ଏମ୍‌ଟିଏର କର୍ମକର୍ତ୍ତା ଓ କର୍ମଚାରୀଙ୍କ ପାଇଁ ମଧ୍ୟ ଦୁଆ କରିବେ । ଯେଉଁମାନେ ସ୍ୱେଚ୍ଛାକୃତ କର୍ମଚାରୀ ଅଛନ୍ତି ସେମାନେ କଠୋର ପରିଶ୍ରମ କରି ସେବା ସମ୍ପାଦନ କରୁଛନ୍ତି ଏବଂ ଇସ୍‌ଲାମ୍‌ର ବାର୍ତ୍ତା ପୃଥିବୀର କୋଣ ଅନୁକୋଣେ ପ୍ରସାରିତ କରୁଛନ୍ତି । ସମଗ୍ର ଇସ୍‌ଲାମ୍ ଧର୍ମାଲମ୍ବୀଙ୍କ ପାଇଁ ଦୁଆ କରିବା । ସେମାନଙ୍କ ଗୃହ ଯୁଦ୍ଧର ଅବସାନ ଘଟୁ ଏବଂ ଶାନ୍ତି ଓ ସ୍ୱାସ୍ଥ୍ୟକର ବାତାବରଣ ସ୍ଥାପିତ ହେଉ । ଇସ୍‌ଲାମ୍ ବିରୋଧି ଶତୃମାନଙ୍କ ଚକ୍ରାନ୍ତରୁ ଅଲ୍ଲାଃ ତାଲା ସୁରକ୍ଷିତ ରଖନ୍ତୁ । ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ସେମାନଙ୍କ ଗୃହଯୁଦ୍ଧ ଓ ପାରସ୍ପରିକ ମତଭେଦର ଅବସାନ ଘଟିବ । ଅନ୍ୟ କେତେକ ଦୁଆ ମଧ୍ୟ ରହିଛି ଯାହାକୁ ମୁଁ ବର୍ତ୍ତମାନ ପାଠ କରିବି । ଆପଣମାନେ ମଧ୍ୟ ସେହି ଦୁଆଗୁଡ଼ିକୁ ମୋ ସହିତ ପୁନରାବୃତି କରିବାକୁ ଚେଷ୍ଟା କରିବେ ।

**ଅଲ୍ଲାଃହୁମ୍ମା ଇନ୍ନା ନଜ୍‌ଆଲୁକା ଫି ନୁହୁରିହିମ୍ ଓ ନଉଜୁବିକା ମିନ୍ ଶୁରରିହିମ୍** ***(ସୁନନେ ଅବୁଦାଉଦ୍.......... ହଦିସ୍- ୧୫୩୭)*** ଅର୍ଥାତ ଆମେମାନେ ତୁମ୍ଭଙ୍କୁ ସେମାନଙ୍କର ହୃଦୟରେ ସ୍ଥାପିତ କରୁ ଅର୍ଥାତ ତୁମ୍ଭର ଭୟ ସେମାନଙ୍କ ହୃଦୟରେ ଭରିଥାଉ ଏବଂ ଆମେ ସେମାନଙ୍କର ଅପକର୍ମରୁ ତୁମ୍ଭର ଉଦ୍ଧାରଣ ଭିକ୍ଷା କରୁଅଛୁ ।

**ଲା ଇଲାହା ଇଲ୍ଲାଲ୍ଲାହୁଲ୍ ଅଜିମୁଲ୍ ହଲିମ୍ । ଲାଇଲାହା ଇଲ୍ଲାଲ୍ଲାହୁ ରବ୍‌ବୁଲ୍ ଅର୍‌ଶିଲ୍ ଅଜିମ୍ । ଲା ଇଲାହା ଇଲ୍ଲାଲ୍ଲାହୁ ରବ୍‌ବୁସ୍ ସମାୱାତିୱ୍ ରବ୍‌ବୁଲ୍ ଅର୍‌ଜି ଓ ରବ୍‌ବୁଲ୍ ଅର୍‌ଶିଲ୍ କରିମ୍** ***(ସହି ବୁଖାରୀ.......... ହଦିସ୍- ୬୩୪୬)*** ଅର୍ଥାତ ଅଲ୍ଲାଃ ତାଲାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହନ୍ତି ଏବଂ ସେ ମହାନତମ ଏବଂ ଅତ୍ୟନ୍ତ ଶାନ୍ତ ତଥା ସହନଶୀଳକାରୀ ଅଟନ୍ତି । ଅଲ୍ଲାଃ ତାଲାଙ୍କ ବ୍ୟତିତ ଅନ୍ୟ କେହି ଉପାସ୍ୟ ନୁହନ୍ତି । ସେ ହିଁ ଆକଶର ଈଶ୍ୱର ଅଟନ୍ତି । ଅଲ୍ଲାଃ ତାଲାଙ୍କ ବ୍ୟତିତ କେହି ଉପାସ୍ୟ ନୁହନ୍ତି ଯିଏ ଆକାଶ ଓ ପାତାଳ ଏବଂ ମହାକାଶର ଈଶ୍ୱର ।

**ୟା ମୁକଲ୍ଲିବୁଲ୍ କୁଲୁବି ସବ୍‌ବିତ୍ କଲ୍‌ବି ଆଲା ଦୀନିକା** ***(ସୁନତେ ତିର୍‌ମିଜ୍....... ହଦିସ୍ - ୨୧୪୦)*** ଅର୍ଥାତ ହେ ହୃଦୟ ପରିବର୍ତ୍ତନକାରୀ ମୋ ହୃଦୟକୁ ତୁମ୍ଭ ଧର୍ମ ଉପରେ ଅଟଳ ରଖ । **ଅଲ୍ଲାହୁମ୍ମା ଇନ୍ନି ଅସାଲୁକାଲ୍ ହୁଦା ୱତ୍‌ତୁକା ୱଲ୍‌ଅଫାଫା ୱଲ୍‌ମିନା** (ସହି ମୁସ୍‌ଲିମ୍.......... ହଦିସ୍- ୨୭୨୧) ଅର୍ଥାତ ହେ ଅଲ୍ଲାଃ ! ମୁଁ ତୁମ୍ଭଠାରୁ ଧର୍ମପରାୟଣତା ଓ ନିଷ୍ଠା ଓ ପାର୍ଦୁଯ୍ୟତା ଭିକ୍ଷା କରୁଅଛି ।

**ଅଲ୍ଲାହୁମ୍ମା ଇନ୍ନି ଅଉଜୁବିକା ମିନ୍ ଜୱାଲେ ନେମତିକା ୱ ତହୱୁଲି ଆଫିୟତିକା ୱ ଫୁଜାଅତି ନିକ୍‌ମତିକା ୱ ଯମିର ସୁଖତିକା** (ମୁସ୍‌ଲିମା........... ୨୭୩୯) ଅର୍ଥାତ ହେ ଅଲ୍ଲାଃ ! ମୁଁ ତୁମ୍ଭର ପୁରସ୍କାରର ସମାପ୍ତ ବା ନଷ୍ଟ ହୋଇଯିବା ତୁମ୍ଭର ଶାନ୍ତି ଓ ସୁରକ୍ଷା ହଟିଯିବା ମୋର ହଠାତ୍ ଶାନ୍ତି ଏବଂ ସେହି ସମସ୍ତ କଥାରୁ ତୁମ୍ଭର ଶରଣ ଭିକ୍ଷା କରୁଅଛି ଯହିଁରେ ତୁମ୍ଭେ ଖୁସ୍ତ ହୋଇଥାଅ ।

**ରବ୍‌ବନା ଦଲମ୍‌ନା ଅନ୍‌ଫୁସନା ୱ ଇଲ୍‌ଲମ୍ ତଗ୍‌ଫିର୍‌ଲନା ୱ ତର୍‌ହମ୍‌ନା ଲନକୁନନ୍ନା ମିନଲ୍ ଖାସିରିନ୍** (ଅଲ୍‌ଆରାଫ୍:୨୪) ଅର୍ଥାତ ହେ ଆମ୍ଭର ପାଳନକର୍ତ୍ତା ଆମ୍ଭେ ନିଜ ନିଜ ଉପରେ ଅତ୍ୟାଚାର କରିଅଛୁ ଏବଂ ଯଦି ତୁମ୍ଭେ ଆମ୍ଭମାନଙ୍କୁ କ୍ଷମା ନ କର ଓ ଆମମାନଙ୍କ ପ୍ରତି କରୁଣା ନ କର ତେବେ ଆମ୍ଭେମାନେ କ୍ଷତିଗ୍ରସ୍ତମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ହେବୁ ।

**ରବ୍‌ବନା ଲା ତୁଜିଗ୍ କୁଲୁବନା ବାଦା ଇଦ୍ ହଦଇତନା ୱ ଅବ୍‌ଲନା ମିଲ୍ ଲଦୁନ୍‌କା ରହ୍‌ମତନ୍ ଇନ୍ନକା ଅନ୍‌ତଲ୍ ୱହାବ୍** (ଆଲେଇମ୍‌ରାନ୍:୯) ଅର୍ଥାତ ହେ ଆମ୍ଭମାନଙ୍କ ପାଳନକର୍ତ୍ତା ! ତୁମ୍ଭେ ଆମ୍ଭମାନଙ୍କୁ ସତ୍‌ପଥଗାମୀ କରାଇବା ପରେ ଆମ୍ଭମାନଙ୍କ ହୃଦୟକୁ କୁଟିଳ କରନାହିଁ ଏବଂ ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର । ବାସ୍ତବରେ ତୁମ୍ଭେ ହିଁ ମହାନ୍ ।

**ରବ୍‌ବନା ଆତିନା ଫିଦ୍ ଦୁନ୍‌ୟା ହସନତଉଁ ୱ ଫଇଲ୍ ଆଖରତି ହସନତଉଁ ୱ କିନା ଆଜବନ୍ ନାର୍** (ଅଲ୍‌ବକ୍‌ରା:୨୦୨) ଅର୍ଥାତ ହେ ଆମ୍ଭମାନଙ୍କର ପାଳନକର୍ତ୍ତା ! ତୁମେ ଆମ୍ଭମାନଙ୍କୁ ଏହି ପୃଥିବୀରେ ହିଁ ସଫଳତା ପ୍ରଦାନ କର ଏବଂ ପରକାଳରେ ମଧ୍ୟ ସଫଳତା ପ୍ରଦାନ କର ଏବଂ ଆମ୍ଭମାନଙ୍କୁ ନରକାଗ୍ନୀ ଶାସ୍ତିରୁ ରକ୍ଷା କର ।

ସେହିପରି ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କର ମଧ୍ୟ ଗୋଟିଏ ଦୁଆ ରହିଛି । ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପାଳନକର୍ତ୍ତା ମୁଁ ତୁମ୍ଭର ଉପକାରର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ ତୁମ୍ଭେ ଅତ୍ୟନ୍ତ ଦୟାବାନ ଓ ଉଦାର ତୁମ୍ଭର ଅସଂଖ୍ୟ ଉପକାର ମୋ ଉପରେ ରହିଛି ମୋର ପାପକୁ ତୁମ୍ଭେ କ୍ଷମା କର କାରଣ ମୁଁ ଯେପରି ଧ୍ୱଂସ ନ ହୋଇଯାଏ । ମୋ ହୃଦୟରେ ତୁମ୍ଭର ଖାଂଟି ପ୍ରେମ ଭରି ଦିଅ ମତେ ଯେଭଳି ଜୀବନ ପ୍ରାପ୍ତ ହେଉ ଏବଂ ମୋର ଦୋଷକୁ ଢ଼ାଙ୍କି ଦିଅ ଏବଂ ମୋ ଦ୍ୱାରା ଏଭଳି କର୍ମ କରାଅ ଯେଉଁ କର୍ମ ଦ୍ୱାରା ତୁମ୍ଭେ ପ୍ରସନ୍ନିତ ହୋଇଯିବ । ମୁଁ ତୁମର ସମ୍ମାନିତ ମୁଖ ସହିତ ଏହି କଥାରୁ ଶରଣ ଭିକ୍ଷା କରୁଅଛି । ତୁମ୍ଭର କୋପଶାସ୍ତି ମୋ ଉପରେ ଅବତୀର୍ଣ୍ଣ ନ ହେଉ । ହେ ପ୍ରଭୁ ଦୟା କର ଏବଂ ମୋତେ ଇହ ଓ ପରକାଳର ବିପତିରୁ ରକ୍ଷା କର କାରଣ ପ୍ରତ୍ୟେକ କୃପା ଓ କରୁଣାରୁ ତୁମ୍ଭ ହସ୍ତରେ ହିଁ ରହିଛି । ଆମିନ୍

***(ମକ୍‌ତୁବାତେ ଅହ୍‌ମଦ୍ ଖଣ୍ଡ-୨, ପୃ-୧୫୯........... ମକ୍‌ତୁବ୍ ନଂ-୩)***

**ଅଲ୍ଲାହୁମ୍ମା ସ୍ୱଲ୍ଲେ ଆଲା ମୁହମ୍ମଦିନ୍ ୱ ଆଲା ଆଲେ ମୁହମ୍ମଦିନ୍ କମା ସ୍ୱଲ୍ଲୈତା ଆଲା ଇବ୍‌ରାହୀମା ୱ ଆଲା ଆଲେ ଇବ୍‌ରାହିମା ଇନ୍ନକା ହମିଦୁନ୍ ମଜିଦ୍ । ଅଲ୍ଲାହୁମ୍ମା ବାରିକ୍ ଆଲା ମୁହମ୍ମଦିନ୍ ୱ ଆଲା ଆଲେ ମୁହମ୍ମଦିନ୍ କମା ବାରକ୍‌ତା ଆଲା ଇବ୍‌ରାହିମା ୱ ଆଲା ଆଲେ ଇବ୍‌ରାହିମା ଇନ୍ନକା ହମିଦୁନ୍ ମଜିଦ୍ ।**

ଉକ୍ତ ପବିତ୍ର ରମ୍‌ଜାନ ମାସରେ ଏହା ହେଉଛି ଶେଷ ଜୁମା ଅଲ୍ଲାଃ ତାଲା ଏହି ପବିତ୍ର ଧାର୍ମିକ ମାସରେ ଆମମାନଙ୍କ ଦ୍ୱାରା ଯେଉଁ ସବୁ ପୂଣ୍ୟକାର୍ଯ୍ୟ ସମ୍ପାଦିତ ହୋଇଛି କିମ୍ବା ଆମେମାନେ ନିଜ ମଧ୍ୟରେ ଯେଉଁ ପବିତ୍ର ପରିବର୍ତନ ସୃଷ୍ଟି କରିଛେ ସେଗୁଡ଼ିକୁ ବଳବତର ରଖିବାପାଇଁ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ରମ୍‌ଜାନ ମାସରେ ଏହି ଦୁଆ ମଧ୍ୟ ଆମ ସପକ୍ଷରେ ପୂର୍ଣ୍ଣ ହେଉ । ଇଦ୍ ସଂକ୍ରାନ୍ତରେ ମୁଁ ମଧ୍ୟ ଏହି ଘୋଷଣା କରିଦେବାକୁ ଚାହେଁ ଯେ ଅନେକ ଲୋକମାନେ ମତେ ପତ୍ର ଲେଖିଛନ୍ତି ଯେ ଏଠିକାର ଯେଉଁ ୱେବ୍‌ସାଇଟ ରହିଛି ତାହା ଅନୁଯାୟୀ ୨୪ ତାରିଖ ଦିନ ଇଦ୍ ପର୍ବ ପାଳନ କରାଯିବ କାରଣ ଶୁକ୍ରବାର ଦିନ ଚନ୍ଦ୍ର ଦେଖାଯିବ ନାହିଁ । ତେଣୁ ମୁଁ ପୂନର୍ବାର ଲେଖିଲି ଏବଂ ଦୁଇ ତିନିଥର ମିଟିଂ କରାଇଲି ଏଠି ଆମର ଯେଉଁମାନେ ବିଶେଷଜ୍ଞ ରହିଛନ୍ତି ତାଙ୍କର ମଧ୍ୟ ଭିନ୍ନ ମତ ରହିଛି ସେମାନଙ୍କର ମତ ମଧ୍ୟ ସାମିଲ କରାଯାଉଛି । ମୁଁ ଅମୀର୍ ସାହେବଙ୍କୁ କହିଥିଲି କି ନିଜେ ମଧ୍ୟ ଦେଖି ନିଅନ୍ତୁ ତେଣୁ ସେ ଏକ ନକ୍ସା ପ୍ରସ୍ତୁତ କରି ମତେ ପ୍ରେରଣ କଲେ ଯେ ଏହି ୱେବ୍‌ସାଇଟ୍‌ରେ ଯେଉଁ ବଡ଼ ବଡ଼ ସହରମାନ ରହିଛି ସେଠାରେ ୨୩ ତାରିଖ ଦିନ ଚନ୍ଦ୍ର ଦେଖାଯାଇ ପାରିବ ନାହିଁ । କିନ୍ତୁ ସେ ଯେଉଁ ନକ୍ସା ପ୍ରେରଣ କରିଥିଲେ ତାହା ଅନୁଯାୟୀ ତହିଁରେ କେତେକ ଅଂଚଳରେ ଯଥା Falmouth, Penzance & Hale ଆଦି ଅଂଚଳରେ ଯେଉଁଠି ଖାଲି ଆଖିରେ ଚନ୍ଦ୍ର ଦୃଶ୍ୟମାନ ହେବାର ଯଥେଷ୍ଟ ସମ୍ଭାବନା ରହିଛି ଏବଂ ଯଦି ଏହି ଦେଶର ଅନ୍ୟ କୌଣସି ଅଂଚଳରେ ଚନ୍ଦ୍ର ଦୃଶ୍ୟମାନ ହୋଇପରନ୍ତା ତେବେ ଅନ୍ୟ ସ୍ଥାନରେ ମଧ୍ୟ ଇଦ୍‌ପାଳନ କରାଯାଇ ପାରିଥାନ୍ତା । ଯେଉଁ ମୁସଲମାନ ରାଷ୍ଟ୍ରଗୁଡ଼ିକର ରୋଏୟତ୍ ହିଲାଲ୍ କମିଟିମାନ ଅଛି ସେମାନେ ମଧ୍ୟ ଏହାର ପୁନଃ ଅବଲୋକନ କରନ୍ତୁ । ସେ ଯାହା ହେଉ ନା କାହିଁକି ଏହି ଜାଏଜା ପରେ ହଠାତ୍ ଦୁଇ ତିନିଥର ଅନୁସନ୍ଧାନ କରିବାପରେ ଏହା ଫଳାପଳରେ ଆମେ ଉପନୀତ ହେଲୁ ଯେ ଇନ୍‌ଶାଅଲ୍ଲାଃ ଇଦ୍ ରବିବାର ଦିନ ପାଳନ କରାଯିବ ଅର୍ଥାତ ୨୪ ତାରିଖ ଦିନ ।

***(ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୧୨ ଜୁନ୍ ୨୦୨୦ ପୃ: ୫-୯)***

⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

**ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-**

**ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।**

***(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)***

# : ଖୁତ୍‌ବା ଜୁମା :

''ଯୁଗ ଖଲିଫା ଓ ଯମାତ ଗୋଟିଏ ଅସ୍ତିତ୍ୱର ଦୁଇଟି ନାମ''

**ଆଜିକାଲି ଆମେ ଯେଉଁ ପରିସ୍ଥିତି ଦେଇ ଗତି କରୁଅଛେ, ସେଥିରେ ବିଶେଭାବେ ଅଲ୍ଲାଃଙ୍କ ଆଗରେ ନତମସ୍ତକ ହେବାର ଆବଶ୍ୟକ ରହିଛି**

**ଏ ଯୁଗରେ ଯେତେସବୁ ବିପତ ଆପଦ ଆସୁଅଛି ତାହାର ସମ୍ବନ୍ଧ ମସିହ୍ ମଉଦ୍ ଆ:ସଙ୍କ ଯୁଗ ସହିତ ରହିଛି । ତେଣୁ ଆମେ ନିଜର ଇମାନ ଓ ଆସ୍ଥାର ସୁରକ୍ଷା ନିମନ୍ତେ ଏବଂ ଅନ୍ତିମ ପରିଣାମ ଉତମ ହେବାପାଇଁ ବହୁତ ଦୁଆ କରିବା ଉଚିତ ଏବଂ ଏ ପୃଥିବୀକୁ ବଂଚାଇବା ପାଇଁ ମଧ୍ୟ ଦୁଆ କରିବା ଉଚିତ ।**

**''ଏହି ବିପତି ଓ ସଙ୍କଟ ଦିନଗୁଡ଼ିକରେ ନିଜ ମନକୁ ମାରି ଧର୍ମପରାୟଣତାକୁ ଗ୍ରହଣ କରିବା ଉଚିତ । ଏସବୁ କଥାର ଉଦ୍ଦେଶ୍ୟ ମୋର ହେଉଛି ଏହା କି ତୁମେମାନେ ଏଥିରୁ ଶିକ୍ଷା ଗ୍ରହଣ କର । ଏ ଦୁନିଆ ହେଉଛି ଅସ୍ଥାୟୀ । ଶେଷରେ ମରିବାକୁ ହେବ । ଧର୍ମ କଥାରେ ହିଁ ଖୁସି ରହିଛି । ଅସଲ ଉଦ୍ଦେଶ୍ୟ ହେଉଛି ଧର୍ମ ଉପାର୍ଜନ କରିବା''**

**ବର୍ତମାନ ଉପୁଜିଥିବା ପରିସ୍ଥିତିରେ ଅହେମଦୀମାନଙ୍କୁ ସୁରକ୍ଷିତ ରହିବାପାଇଁ, ଯମାତ ଅହେମଦୀୟାର ଉନ୍ନତି, ମାଲି କୁର୍ବାନୀ କରିବାବାଲା ବ୍ୟକ୍ତି ବିଶେଷଙ୍କ ପାଇଁ, ଏମ୍.ଟି.ଏର କର୍ମୀମାନଙ୍କ ପାଇଁ ଏବଂ ଇସ୍‌ଲାମୀୟ ଦେଶଗୁଡ଼ିକର ଶାନ୍ତିପୂର୍ଣ୍ଣ ଏକତା ପାଇଁ ଦୁଆ କରିବାକୁ ଉପଦେଶ ।**

**କେତେକ ବିଶେଷ ଦୁଆ ପାଠ କରିବା ପାଇଁ ଉପଦେଶ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୨ ମଇ ୨୦୨୦ ଅନୁଯାୟୀ ୨୨ ହିଜ୍‌ରତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ସର୍ବପ୍ରଥମେ ମୁଁ ସେହି ଅହେମଦୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିବାକୁ ଚାହେଁ ଯେ, ଯେଉଁମାନେ ମୋର ପଡ଼ିଯାଇ ଆଘାତ ଲାଗିଯାଇଥିବା ଖବରରେ ଅପ୍ରତ୍ୟାଶିତ ଆବେଗର ପରିପ୍ରକାଶ କରିଛନ୍ତି ଏବଂ ଅତ୍ୟନ୍ତ କୋହ ଓ ଆକୁଳତାର ସହ ଦୁଆ କରିଛନ୍ତି । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ଉତମ ଫଳ ପ୍ରଦାନ କରନ୍ତୁ ଏବଂ ବିଶ୍ୱସ୍ତ ଓ ନିଷ୍ଠାରେ ଅଭିବୃଦ୍ଧି କରନ୍ତୁ । ଚଳିତ ଯୁଗରେ ପରମେଶ୍ୱରଙ୍କ ଖାତିର୍ ଓ ତାଙ୍କ ଆଦେଶ ଅନୁଯାୟୀ ଉପସ୍ଥିତ ଖଲିଫାଙ୍କ ସହ ବିଶ୍ୱସ୍ତତା ଓ ନିଷ୍ଠାର ଉଦାହରଣ ପଦର୍ଶନ କରିବା କେବଳ ଯମାତ୍ ଅହେମଦୀୟାରେ ଦେଖିବାକୁ ମିଳୁଅଛି । ଏହି ଉଭୟ ତରଫା ପ୍ରେମ ଓ ଭଲ ପାଇବା ମଧ୍ୟ ଅଲ୍ଲାଃ ତାଲା ଉତ୍ପନ୍ନ କରିଛନ୍ତି । ଏଠାରେ ଏହା ମଧ୍ୟ ପ୍ରକାଶିତ ହେଉ ଯେ, କିଏ ଅନ୍ୟ ତୁଳନାରେ ଅଧିକ ଦରଦ ଓ ସମବେଦନା ରଖୁଅଛି । କେତେକ ସମୟରେ ତ ଏପରି ମନେ ହେଉଛି କି ସଦସ୍ୟମାନଙ୍କର ଖିଲାଫତ୍ ସହିତ ଭଲ ପାଇବାର ସ୍ତର ଶିର୍ଷରେ ପହଂଚିଯାଇଛି । ପୁଣି ଖଲିଫାଙ୍କର ନିଜ ପ୍ରୀୟ ଯମାତ୍‌ର ସଦସ୍ୟମାନଙ୍କ ସହ ଯେଉଁ ସମ୍ପର୍କ ଓ ନିବିଡ଼ତା ରହିଛି ତାହା କେତେକ ଲୋକଙ୍କ ନମୁନା ଦେଖିଲେ ମନେ ହୋଇଥାଏ ଯେ, ସେମାନେ ସେହି ସ୍ତରର ନୁହନ୍ତି ତେବେ ସେ ଯାହା ହେଉ ଏହା ହେଉଛି ଦୁଇ ତରଫା ସମ୍ପର୍କ ଏବଂ ଏହା ଏକ ଏଭଳି ସମ୍ପର୍କ ଯେପରି କି ମୁଁ କହିଲି କି ଏହାର ଉଦାହରଣ ସାଂସାରିକ ସମ୍ପର୍କରେ ଦେଖିବାକୁ ମିଳିନଥାଏ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ତୃତୀୟଙ୍କର ଏହି କଥନ ମୋର ଖୁବ୍ ଭଲଭାବରେ ମନେ ଅଛି କି "ଯୁଗ ଖଲିଫା ଓ ଯମାତ୍ ଗୋଟିଏ ଅସ୍ତିତ୍ୱର ଦୁଇଟି ନାମ" । ***(ଖୁତ୍‌ବାତେ ନାସିର୍, ଖଣ୍ଡ-୪, ପୃ-୪୨୩, ଖୁତ୍‌ବା ଯୁମା ପ୍ରଦତ ୨୯ ସେପ୍ଟେମ୍ବର ୧୯୭୨)***

ଏହା ଆପଣଙ୍କ ଦୁଆର ପରିଣାମ ଯେ, ଅଲ୍ଲାଃ ତାଲାଙ୍କ କୃପାରୁ ଅଭୁତପୂର୍ଣ୍ଣ ରୂପେ ଖୁବ୍ ଶିଘ୍ର ମତେ ସ୍ୱାସ୍ଥ୍ୟ ଲାଭ ହୋଇଛି ଏବଂ ଲାଗିଥିବା ଆଘାତମାନ ଭରଣ ହୋଇଛି । ଡ଼ାକ୍ତର ସାହେବ କହିଥିଲେ ସାଧାରଣତଃ ଚେହେରାର କ୍ଷତ ଶିଘ୍ର ଉପଶମ ହୋଇଥାଏ କିନ୍ତୁ ଯେଭଳି ଆପଣଙ୍କ କ୍ଷତମାନ ତୀବ୍ରତାର ସହିତ ଉପଶମ ହେଲା ତାହା ମୋର ଧାରଣା ବାହାର । ମୁଁ ତାଙ୍କୁ ଏହି କଥା କହିଥିଲି ଯେ ଚିକିତ୍ସା ତ ତା ସ୍ଥାନରେ ରହିଛି କିନ୍ତୁ ଅସଲରେ ଏହା ଦୁଆର ପରିଣାମ ଯାହା କି ଅହେମଦୀମାନେ ମୋ ପାଇଁ କରୁଛନ୍ତି । ମୋର ମଧ୍ୟ ଧାରଣା ଥିଲା କି ଏତେ ମାତ୍ରାରେ ହୋଇଥିବା କ୍ଷତ ଭରଣ ହେବାକୁ ପାଖାପାଖି ଦୁଇ ସପ୍ତାହ ଲାଗିଯିବ ଏବଂ ସମ୍ଭବତଃ କିଛି କ୍ଷତ ଚିହ୍ନ ବାକି ରହିଯିବ କିନ୍ତୁ ଅଲ୍ଲାଃ ତାଲାଙ୍କ କୃପାରୁ ସାତ ଆଠ ଦିନରେ ସବୁ ପରିଷ୍କାର ହୋଇଗଲା । ଏହି କ୍ଷତ ଯୋଗୁଁ ମତେ ମର୍‌ହମେ ଇସା ଲଗାଇବାର ଯେଉଁ ଅନୁଭୁତି ହେଲା ଓ ସେହି ଅନୁଭବରୁ ଯାହା ଜାଣିବାକୁ ପାଇଲି ତାହା ମଧ୍ୟ ଆପଣଙ୍କ ସମ୍ମୁଖରେ ଆଲୋଚନା କରିଦେଉଛି । ମର୍‌ହମେ ଇସା ଯାହାକି ଅମୀର୍ ମେହମୁଦ୍ ସାହେବ୍ ନାଶିର୍ ମତେ ସିରିଆନି ପଦ୍ଧତି ମୁତାବକ ପ୍ରସ୍ତୁତ କରି ପ୍ରେରଣ କରିଥିଲେ ତାହା ମଧ୍ୟ ମୁଁ ବ୍ୟବହାର କରିଥିଲି ଏବଂ ହୋମିଓପାଥିକରେ କ୍ରିମ୍ Calendula ମଧ୍ୟ ସେବନ କରିଥିଲି । ସେ ଯାହା ହେଉ ବାସ୍ତବ ପକ୍ଷେ ଅଲ୍ଲାଃ ତାଲାଙ୍କ କୃପା ହିଁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିଥାଏ । ଆଉ ଯେଉଁ ଔଷଧିର ଚର୍ଚ୍ଚା କଲି ତାହା ଏଥିପାଇଁ ଯେ ଅନ୍ୟମାନଙ୍କୁ ଏଥିରୁ ଲାଭ ମିଳୁ ବା ଅନ୍ୟମାନେ ସେଥିରୁ ଲାଭବାନ ହେବେ କାରଣ କେତେକ ସମୟରେ ଏପରି ସମସ୍ୟାରେ ମଣିଷ ସମ୍ମୁଖିନ ହୋଇଥାଏ ସେତେବେଳେ ଏହାର ଆବଶ୍ୟକତା ପଡ଼ିଯାଇଥାଏ । ଏବେ ଆପଣମାନେ ଦୁଆ କରନ୍ତୁ ଯେ କ୍ଷତ ଲାଗିଥିବା ସ୍ଥାନର ଅନ୍ୟାନ୍ୟ କୁପ୍ରଭାବକୁ ମଧ୍ୟ ଅଲ୍ଲାଃ ତାଲା ଶିଘ୍ର ଉପଶମ କରିଦିଅନ୍ତୁ । ଅଲ୍ଲାଃ ତାଲାଙ୍କ କୃପା ହିଁ ଅସଲ ଶକ୍ତି ଯାହା ଦୁଆ ଦ୍ୱାରା ଆମକୁ ମିଳିଥାଏ । ମୋର ମନେ ଅଛି କି କିଛି ଦିନ ହେବ ମୋର କାନ୍ଧ ଓ ବାହୁରେ ଭୀଷଣ ପିଡ଼ା ଅନୁଭବ ହେଲା ଏବଂ ହାତ ଉପରକୁ ଉଠାଇବା କଷ୍ଟସାଧ୍ୟ ଥିଲା ଅନ୍ୟ ହାତର ସାହାଯ୍ୟ ମାଧ୍ୟମରେ ଉକ୍ତ ହସ୍ତକୁ ମୁଁ ଉଠାଉଥିଲି । ସ୍ପେଶିଆଲିଷ୍ଟ ଡ଼କ୍ଟରଙ୍କ ସହ ପରାମର୍ଶ ନେବାରୁ ସେ କହିଲେ କି ଏହି ପୀଡ଼ା ଛଅ ସପ୍ତାହରୁ ତିନି ଚାରିମାସ ପର୍ଯ୍ୟନ୍ତ ରହିପାରେ । କିଛି ଦିନ ପରେ ପୂର୍ନବାର ଦେଖିବାରୁ ସେତେବେଳକୁ ନବେ ପ୍ରତିଶତ ପୀଡ଼ା ଉଭେଇ ଯାଇଥିଲା । ସେ ଆଶ୍ଚର୍ଯ୍ୟ ଚକିତ ହେଲେ ମୁଁ ତାଙ୍କୁ କହିଲି ଦେଖ ଯେତେବେଳେ ଲକ୍ଷ୍ୟାଧିକ ଲୋକ ଦୁଆ କରୁଥିବେ ସେତେବେଳେ ଅଲ୍ଲାଃ ତାଲା ଏପରି କୃପା ପ୍ରଦାନ କରିଥାନ୍ତି । ସେ ଜଣେ ଖ୍ରୀଷ୍ଟଧର୍ମାଲମ୍ବୀ ଇଂରେଜ ଥିଲେ, ତେଣୁ ସେ କହିଲେ ମୋର ଦୁଆ ଉପରେ ବିଶ୍ୱାସ ଅଛି ଏବଂ ନିଶ୍ଚିତରୂପେ ଏହା ଦୁଆ ର ହିଁ ପରିଣାମ ।

ଅତଃ ଆମମାନଙ୍କୁ ସଦେବ ଅଲ୍ଲାଃ ତାଲାଙ୍କ କୃପା ଭିକ୍ଷା କରିବା ଉଚିତ ଏବଂ ତାଙ୍କ ନିକଟରେ ନତମସ୍ତକ ରହିବା ଉଚିତ । ଆଜିକାଲି ଆମେ ଯେଉଁ ସଙ୍କଟାପନ୍ନ ପରିସ୍ଥିତି ଦେଇ ଅତିକ୍ରମ ହେଉଅଛେ ଏଥିରେ ବିଶେଷଭାବରେ ପ୍ରଭୁଙ୍କ ଶରଣାଗତ ହୋଇ ତାଙ୍କ ସମୀପରେ ନତମସ୍ତକ ରହିବା ଆବଶ୍ୟକ । ଯୁକେ ରୁ ମଧ୍ୟ ରିପୋର୍ଟସ ଆସୁଅଛି ତଥା ବାକି

ଦେଶମାନଙ୍କରୁ ମଧ୍ୟ ରିପୋର୍ଟସ ଆସୁଅଛି ଯେ, ଏହି ଦୁଃଖଦ ପରିସ୍ଥିତିରେ ପ୍ରଭୁଙ୍କ ପ୍ରତି ଲୋକମାନେ ବେଶ୍ ମନଯୋଗ କରୁଛନ୍ତି । ଲକ୍‌ଡ଼ାଉନ୍ ଯୋଗୁଁ ଲେକେ ନିଜ ନିଜ ଘରେ ବାନମାଜ ପାଠକୁ ଗୁରୁତ୍ୱ ଦେଉଛନ୍ତି । ଦରସ ର ମଧ୍ୟ ପ୍ରବନ୍ଧ କରୁଛନ୍ତି ଯଦ୍ୱାରା ଲୋକମାନଙ୍କ ଜ୍ଞାନରେ ମଧ୍ୟ ଅଭିବୃଦ୍ଧି ଘଟୁଛି ଏବଂ ପିଲାମାନେ ମଧ୍ୟ ଧାର୍ମିକ ଜ୍ଞାନ ଆହାରଣ କରୁଛନ୍ତି । ଅଲ୍ଲାଃ ତାଲାଙ୍କ ପ୍ରତି ସେମାନଙ୍କର ବିଶ୍ୱାସରେ ବୃଦ୍ଧି ହେଉଅଛି । ଅଲ୍ଲାଃ ତାଲାଙ୍କ କୃପାରୁ ଏହି ଅବଧିରେ ରମ୍‌ଜାନ ମଧ୍ୟ ଆସିଗଲା । ଯଦ୍ୱାରା ଉପାସନା ପ୍ରତି ଲୋକମାନଙ୍କ ଧ୍ୟାନ କେନ୍ଦ୍ରିତ ହେବାରେ ପୂର୍ବାପେକ୍ଷା ଅସାଧାରଣ ବୃଦ୍ଧି ଘଟିଛି । ବର୍ତମାନ ରମ୍‌ଜାନ ତ ଶେଷ ହେଉଅଛି ଏବଂ ସରକାର ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ କଟକଣାମାନ କୋହଳ କରିବାକୁ ଯାଉଅଛି । କେତେକ ସରକାର ତ କରିବା ଆରମ୍ଭ କରିଦେଲେଣି । ଗୋଟିଏ କଥାକୁ ମୁଁ କହିବାକୁ ଚାହେଁ ଯେ, ପ୍ରଶାସନ ଯେଭଳି ନିୟମ ପ୍ରଣୟନ କରିବ ସେଥିମୁତାବକ ପ୍ରତ୍ୟେକ ଅହେମଦୀ ପରିଚାଳିତ ହେବାକୁ ଚେଷ୍ଟା କରିବା ଉଚିତ । କିନ୍ତୁ ସବୁଠାରୁ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ କଥା ଯାହାକି ପ୍ରତ୍ୟେକ ଅହେମଦୀମାନଙ୍କୁ ନିଜ ସମ୍ମୁଖରେ ରଖିବା ଉଚିତ ଯେ, କାରବାର କରିବାକୁ ଅନୁମତି ଏବଂ ବାହାରକୁ ବାହାରିବାରେ କୋହଳ କରାଯିବ ପୁନଶ୍ଚ ରମ୍‌ଜାନ ମାସରେ ଅଲ୍ଲାଃ ତାଲାଙ୍କ ଯେଉଁ ଉପାସନା ଓ ପୂଣ୍ୟକର୍ମକୁ ଆପଣାଇଛନ୍ତି, ତାହାକୁ ଶେଷ କରିବା ଅବା ସେଥିରେ ତିଳେମାତ୍ର କମ୍ କରିବାବାଲା ନ ହୁଅନ୍ତୁ । ବରଂ ପୂଣ୍ୟକର୍ମ ଓ ବାଯମାତ୍ ନମାଜ୍ ପାଠ କରିବା ପାଇଁ ମସ୍‌ଜିଦ୍ ଯିବାରେ କଟକଣା ରହିଛି ତାହାକୁ ନିଜ ନିଜ ଘରେ ଅଭ୍ୟାହତ ରଖିବା ଏବଂ ଯେତେବେଳେ ଏସବୁ କଟକଣାମାନ ଉଠିଯିବ ସେତେବେଳେ ମସ୍‌ଜିଦ୍‌କୁ ଆବାଦ ରଖିବାରେ ପୂର୍ବାପେକ୍ଷା ଅଧିକ ନିଜ କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବେ । ମହିଳାମାନେ ମଧ୍ୟ ବିଶେଷ ଭାବରେ ଏହାର ଆୟୋଜନ କରନ୍ତୁ ଯେପରି କି ସେମାନଙ୍କର ସନ୍ତାନମାନେ ତାଙ୍କ ନମୁନାକୁ ଦେଖି ପ୍ରଭୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସରେ ଆହୁରି ସୁଦୃଢ଼ ହେବେ । ଘରମାନଙ୍କରେ ଦରସ ର କାର୍ଯ୍ୟକ୍ରମକୁ ପ୍ରଚଳିତ ରଖନ୍ତୁ ଯଦ୍ୱାରା ଧାର୍ମିକ ଜ୍ଞାନ ଓ ତତ୍ୱଜ୍ଞାନରେ ଅଭିବୃଦ୍ଧି ଘଟିବ । ଏହିପରି ଏମ୍‌ଟିଏରେ ପ୍ରୋଗ୍ରାମ ଦେଖିବାପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ପୂର୍ବରୁ ମଧ୍ୟ ଏହି ପରିପ୍ରେକ୍ଷୀରେ କହିସାରିଛି ।

ସୁତରାଂ ଏହି ଲକ୍‌ଡ଼ାଉନ୍ ପରେ ଏବଂ ରମ୍‌ଜାନ ପରେ କରିଥିବା ପୂର୍ଣ୍ୟକର୍ମକୁ ପାସୋରି ନଯାଇ ତାହାକୁ ଜାରି ରଖିବା ଉଚିତ । ପ୍ରତ୍ୟେକ ଅହେମୀଦ ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବୟତ କରି ଏହି ଶପଥ କରିଛି ଯେ, ନିଜ ଭିତରେ ପବିତ୍ର ପରିବର୍ତନ ସୃଷ୍ଟି କରିବ ତାହାକୁ କଦାପି ଯେମିତି ପାସୋରି ନ ଯାଏ । ମୋମିନ୍ ର କାର୍ଯ୍ୟ ନୁହେଁ କି ସେ ସେହି ଲୋକମାନଙ୍କ ମଧ୍ୟରେ ସାମିଲ ହୋଇଯାଉ ଯାହାଙ୍କ ସଂକ୍ରାନ୍ତରେ ପ୍ରଭୁ କହିଛନ୍ତି କି ଯେତେବେଳେ ବିପଦର ମଣିଷ ସମ୍ମୁଖୀନ ହୁଏ ସେତେବେଳେ ସେ ଆମ ଶରଣାଗତ ହୋଇ ଆମ ସାହାଯ୍ୟ ଭିକ୍ଷା କରେ ଏବଂ ଯେତେବେଳେ ତାହା ଦୂର ହୋଇଯାଏ ସେତେବେଳେ ଆମକୁ ପାସୋରି ଯାଇଥାଏ ।

ଆଜିକାଲି ଲୋକେ ଏହି ସନ୍ଧାନରେ ରହିଛନ୍ତି କି, ଏହି କରୋନା ଭାଇରସ ସ୍ୱଭାବିକ ଦୁର୍ଘଟଣା ନା ପ୍ରଭୁଙ୍କ ଅଭିଷାପ । ଏଭଳି ଉତ୍କଟ ପରିସ୍ଥିତିରେ ଜଣେ ମୋମିନ୍‌ର କର୍ତବ୍ୟ ଯେ ସେ ପୂର୍ବାପେକ୍ଷା ଅଧିକ ପ୍ରଭୁଙ୍କ ଶରଣାଗତ ହୋଇ ତାଙ୍କ ସନ୍ଧାନରେ ରହିବା ଉଚିତ ନା କି କେବଳ ଏହି ସନ୍ଧାନରେ ମାତି ରହିବା କି ଏହି କରୋନା ଭାଇରସ କଣ ? ଦେଖ ଏହି ଯୁଗ ଯାହାକି ଇମାମ୍ ମେହେଦୀଙ୍କର ଯୁଗ ଅଟେ । ଏଥିରେ ଅଲ୍ଲାଃ ତାଲା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହ ଅଗଣିତ ପ୍ରତିଶୃତି ରହିଛି ଯାହା ପୂରଣ ହେଲା ଏବଂ ବର୍ତମାନ ମଧ୍ୟ ପୂରଣ ହୋଇଚାଲିଛି । ତଥା ଭବିଷ୍ୟତରେ ମଧ୍ୟ ପୂରଣ ହେଉଥିବ । ଯଦି କୌଣସି ସତର୍କ ସୂଚନାମୂଳକ ଭବିଷ୍ୟବାଣୀ ଦେଖ ତେବେ ଜଣେ ମୋମିନ୍ ର ଏ କର୍ତବ୍ୟ ହେବା ଉଚିତ ଯେ ବ୍ୟତିବ୍ୟସ୍ତ ନ ହୋଇ ନିଜ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରି ଉତମ ପରିଣତି ପାଇଁ ଦୁଆ କରିବା ଉଚିତ । ଅସଲ ଉଦ୍ଦେଶ୍ୟ ହିଁ ଏହା ଯେ ମଣିଷର ଶେଷ ପରିଣତି ଉତମ ହେଉ ଜୀବନ ସଫଳ ଓ ସାର୍ଥକ ହେଉ ମୁଁ ଅନେକଥର କହିଛି ଯେ, ଏହି ଆପଦ ଝଡ଼, ବାତ୍ୟା, ଦୁର୍ଭିକ୍ଷ, ମହାମାରୀ ଆଦି ପ୍ରାକୃତିକ ବିପର୍ଯ୍ୟୟ ଓ ବିପତିମାନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗ ସହ ସମ୍ବନ୍ଧ ରଖୁଅଛି । ସୁତରାଂ ଆମମାନଙ୍କୁ ନିଜ ବିଶ୍ୱାସର ସୁରକ୍ଷା ନିମନ୍ତେ ଦୁଆ କରିବା ସହିତ ସମଗ୍ର ବିଶ୍ୱବାସୀଙ୍କ ପାଇଁ ମଧ୍ୟ ବହୁତ ଦୁଆ ପ୍ରାର୍ଥନା କରିବା ଉଚିତ । ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ ଆ:ସଙ୍କୁ ପ୍ରଭୁ ପ୍ଲେଗ ପରିବ୍ୟାପ୍ତ ହେବାର ସ୍ୱଷ୍ଟ ସୁଚନା ଦେଇଥିଲେ ସେତେବେଳେ ଆପଣ ଅଧିର ଓ ବ୍ୟଗ୍ର ହୋଇ ସଂସାରବାସୀଙ୍କ ପାଇଁ ଦୁଆ କରୁଥିଲେ ଏବଂ ଏକ କୋଠରୀରେ ନିଜକୁ ବନ୍ଦ ରଖି ଏହିପରି ଦୁଆ ପ୍ରାର୍ଥନା କରୁଥିଲେ । ଦ୍ୱାର ବନ୍ଦ ହୋଇଥିବାର ଅପରପାର୍ଶ୍ୱରେ ଲୋକମାନେ ଆପଣଙ୍କର ଏହି ଅବସ୍ଥା ଅନୁଭବ କରି କୁହନ୍ତି, ଆପଣ ଏଭଳି ଭୀଷଣ ବ୍ୟାକୁଳ ଓ ଅସ୍ଥିର ହୋଇ ଦୁଆ କରୁଥିଲେ । ଯେପରି ନିଆଁ ଉପରେ ପାଣି ହାଣ୍ଡିରୁ ଟକ୍‌ମକ୍‌ର ଶବ୍ଦ ଗୁଞ୍ଜରିତ ହୋଇଥାଏ ଯେ ହେ ହୁଏ କି ପ୍ରଭୁ ମାନବଜାତିକୁ ରକ୍ଷା କରିନିଅ । ***(ଖୁଦାତାଲା ସଂସାରର ସୁଧାର ପାଇଁ ସର୍ବଦା ନବି ପ୍ରେରଣ କରିଥାନ୍ତି, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୧୫୪) (ରେଜିଷ୍ଟର ରିୱାୟାତ୍ (ଅଣମୁଦ୍ରିତ) ଖଣ୍ଡ-୭, ପୃ-୧୬୭ ରିୱାୟତ ମାଷ୍ଟର ମହମ୍ମଦୁଲ୍ଲାଃ ଦାଦ୍ ସାହେବ୍)***

ସୁତରାଂ ମାନବଜାତି ପ୍ରତି ଆପଣଙ୍କ ଦୟା ସମ୍ବେଦନା ଓ ସହାନୁଭୁତି ବହୁମାତ୍ରାରେ ରହିଥିଲା । ଅଲ୍ଲାଃ ତାଲା ଆପଣଙ୍କୁ ସ୍ୱଷ୍ଟ ସୁଚନା ଦେବା ସତ୍ୱେ ଆପଣ ସେମାନଙ୍କ ସକାଶେ ସେହି ବିପତରୁ ରକ୍ଷା ପାଇବାପାଇଁ ଅତି ଦରଦପୂର୍ଣ୍ଣ ଭାବରେ ଓ କୋହପୂର୍ଣ୍ଣ ଭାବରେ ଦୁଆ କରୁଥିଲେ । ଅତଃ ଆମେମାନେ ମଧ୍ୟ ଆପଣଙ୍କର ସେହି ନମୁନାର ଅନୁକରଣ କରିବା ଉଚିତ ।

କେତେକ ଲୋକ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେଙ୍କ ଗୋଟିଏ ପ୍ରବନ୍ଧ "ହୱାଦିସେ ତବଇୟା ଅଜାବେ ଇଲାହି" କୁ ଆଜିକାଲିର କରୋନା ଭାଇରସ ସହ ସାମଞ୍ଜସ୍ୟ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଏବଂ ନିଜର ମତାମତ ମଧ୍ୟ ବ୍ୟକ୍ତ କରୁଛନ୍ତି । ସ୍ୱଷ୍ଟ ହେଉ ଯେପରି କି ମୁଁ କହିଲି ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଆଗମନ ପରେ ବିପତି ଓ ସମସ୍ୟାମାନର ସଂଖ୍ୟାରେ ଅଭିବୃଦ୍ଧି ଘଟିଛି ଏବଂ ଏହି ପରିପ୍ରେକ୍ଷୀରେ ହଜୁର ଆ:ସ ମଧ୍ୟ ପରିସ୍କାର ଭାବରେ ଦର୍ଶାଇ ଦେଇଛନ୍ତି ଯେ, ଯଦି ପ୍ରାକୃତିକ ବିପତିମାନ ଓ ତାହାର କରାଳ ବିଭିଷୀକାର ମନୁଷ୍ୟ ଶିକାର ହେବ ଏଥିରେ ତ କୌଣସି ସନ୍ଦେହ ନାହିଁ । ଯେପରିକି ମୁଁ ଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲି ଯେ, କେତେକ ବିଶ୍ୱାସକାରୀ ମଧ୍ୟ ତାହାର ଶିକାର ହେବେ କିନ୍ତୁ ତାଙ୍କର ସ୍ତର ଶହୀଦ ର ହେବ ଓ ପରିଣତି ଉତମ ହେବ । ***(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୨୫୨)***

ଯେପରିକି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଛନ୍ତି । ଯେଉଁ ଯନାଜାଃ ପଛରେ ଲୋକେ ତାହାର ପ୍ରଶଂସାଗାନ କରନ୍ତି ଓ ତାହାର ସେବା ସତ୍କାର ଗୁଣର ଚର୍ଚ୍ଚା କରିଥାନ୍ତି ତଥା ତାହାର କରିଥିବା ସୃଷ୍ଟି ଓ ସ୍ରଷ୍ଟାଙ୍କ କର୍ତବ୍ୟ ସମ୍ପାଦନର ସୁଗୁଣ ବଖାଣି ଥାନ୍ତି ତେବେ ତାହା ପାଇଁ ବୈକୁଣ୍ଠ ଅନିବାର୍ଯ୍ୟ ହୋଇଯାଇଥାଏ ।

***(ସହି ମୁସ୍‌ଲିମ୍ କିତାବୁଲ୍ ଯାନଇଜ୍......... ହଦିସ୍ ୯୪୯)***

ତେବେ ଏହି ସଂକ୍ରମଣ ଦ୍ୱାରା ପ୍ରକୃତ କଥା ଯାହା ପ୍ରତି ଦୃଷ୍ଟି ରଖିବା ଯୋଗ୍ୟ ତାହା ଏହିକି ଯେ, ଉକ୍ତ ସଂକ୍ରମଣ ସଂସାରବାସୀଙ୍କ ଉପରେ କି ପ୍ରଭାବ ପକାଇଅଛି । ସେମାନ ତ ନିଜ ସଂଜ୍ଞା ହରାଇ ବସିଛନ୍ତି ଯାହାକି ଆମେ ଅବଲୋକନ କରୁଅଛୁ । କେବଳ ଲୋକମାନେ ନୁହନ୍ତି ବରଂ ବଡ଼ ବଡ଼ ସରକାର ମଧ୍ୟ ନିଜକୁ ପର୍ବତ ସମ ସୃଦୃଢ଼ ଓ ଅଟଳ ମନେ କରୁଥିଲେ । ସେମାନଙ୍କ ଅର୍ଥବ୍ୟବସ୍ଥା ଓ ଅନ୍ୟାନ୍ୟ ବ୍ୟବସ୍ଥାମାନ ଦେବାଳିଆ ହୋଇଯାଇଛି । ଏଥିରୁ ସେମାନେ ନିଜ ନାଗରିକମାନଙ୍କ ଧ୍ୟାନ ଭ୍ରମିତ କରିବାପାଇଁ ଯେଭଳି ପ୍ରୟାସମାନ କରୁଛନ୍ତି ତାହା ମଧ୍ୟ ବେଶ୍ ଭୟଙ୍କର ତାହା ସେମାନଙ୍କୁ ଯୁଦ୍ଧ ଓ ଭୟାନକ ଅର୍ଥ ସଙ୍କଟର ମହାବିପତିକୁ ଠେଲି ଦେବ ଅତଏବ ଯେପର୍ଯ୍ୟନ୍ତ ଏମାନେ ନିଜ ଭିତରେ ପରିବର୍ତନ ଆଣୁଛନ୍ତି । ଯାହାଫଳରେ ବିଭ୍ରାଟ ଓ ବିଶୃଙ୍ଖଳା ଦୁର ହୋଇଥାଏ ସେ ପର୍ଯ୍ୟନ୍ତ ଗୋଟିଏ ପରେ ଆଉ ଗୋଟିଏ ବିପତି ମାଡ଼ି ଆସୁଥିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମଧ୍ୟ ଏହା ହିଁ ଦର୍ଶାଇଛନ୍ତି କି କେବଳ ମୁସଲମାନ ହେବା ଅବା ଧାର୍ମିକ ଦୋଷ ତ୍ରୁଟି ଯାହା ରହିଛି ତାହା କୟାମତ ଦିନ ହିସାବ ହେବ, କିନ୍ତୁ ବିଭ୍ରାଟ ବିଶୃଙ୍ଖଳା ତଥା ଅନ୍ୟର ଅଧିକାର ଆତ୍ମସାତ କରିବା ଅବା ପ୍ରଭୁଙ୍କ ପ୍ରୀୟଜନଙ୍କ ପରିହାସ କରିବା ଅତି ଭୟଙ୍କର ସଙ୍କଟକୁ ଟାଣି ଆଣିଥାଏ ।

***(କଶ୍‌ତିନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯- ପୃ-୫)***

ସେ ଯାହା ହେଉ ଆମ କାର୍ଯ୍ୟ ଦୁଆ କରିବା ଓ ସଂସାରବାସୀଙ୍କୁ ବୁଝାଇବା, ସଚେତନ କରିବା ତଥା ନିଜ ଅବସ୍ଥାରେ ପରିବର୍ତନ ଆଣିବା । ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେଙ୍କର ଯେଉଁ ପ୍ରବନ୍ଧର ଚର୍ଚ୍ଚା କରିଥିଲି ତାହା ବେଶ୍ ଲମ୍ବା ବିଷୟ କିନ୍ତୁ ପ୍ରତ୍ୟେକ ଅହେମଦୀ ଯେଉଁ କଥା ନିଜ ସମ୍ମୁଖରେ ରଖିବା ଉଚିତ ଉକ୍ତ ବିଷୟବସ୍ତୁ ପାଠ କଲେ ଜଣାଯାଇଥାଏ ତାହା ଏହାନୁହେଁ କି ପୂର୍ବବର୍ତୀ ଧର୍ମର ମାନ୍ୟକାରୀଙ୍କ ସହ କଣ ଘଟିଥିଲା ଏବଂ ବର୍ତମାନ କଣ ହେଉଅଛି । କିପ୍ରକାର ବିପତି ଓ ସମସ୍ୟା ନିଶ୍ଚିତରୂପେ ଏ ସବୁ ମଣିଷ ମନରେ ସଂଗିନ୍ ଭୟ ଓ ଡ଼ର ଉତ୍ପନ କରିବା ଉଚିତ ଏବଂ ନିଜ ଅବସ୍ଥା ପ୍ରତି ନଜର କରିବା ତଥା ସେଥିପ୍ରତି ଧ୍ୟାନ ଆକର୍ଷିତ କରିବା ଉଚିତ । କିନ୍ତୁ ଅସଲ କଥା ଯାହାକୁ ଆମମାନଙ୍କୁ ଅନୁଧ୍ୟାନ କରିବା ଉଚିତ ତାହା ଏହି କି ଯେ, ହଜୁର ଯେପରି ଲେଖିଛନ୍ତି ଅର୍ଥାତ ଖଲିଫତୁଲ୍ ମସିହ୍ ରାବେ ଯେପରି ଉକ୍ତ ପ୍ରବନ୍ଧରେ ଲେଖିଛନ୍ତି । ଯମାତ୍ ପାଇଁ ଏଥିରେ ସର୍ତକତା ମୁଳକ ସୁଚନା ଓ ସୁସମ୍ବାଦମାନ ରହିଛି ।

ସତର୍କ ଏହି କି ଯେ ତାହାର କେବଳ ଅହେମଦୀ ହେବା ଯଥେଷ୍ଟ ନୁହେଁ ବରଂ ଧର୍ମନିଷ୍ଠ ହେବାର ସର୍ତ ରହିଛି ଏବଂ ସୁସମ୍ବାଦ ଏହି କି ଯେ ଯମାତ୍‌ରେ ଯେଉଁ ଲୋକମାନେ ଦୁର୍ବଳତା ସୃଷ୍ଟି ହୋଇଯାଇଥିବ ତାହାର ଦୁରୀକରଣ ଓ ସଂସ୍କାର ଆଣିବାପାଇଁ ଅହେମଦୀମାନେ ଯଥାଶିଘ୍ର ପ୍ରୟାସ ଓ ଉଦ୍ୟମ କରିବେ । କିନ୍ତୁ ଯେଉଁ ଲୋକମାନେ ବୟତର ମାତ୍ର ଲେବଲ୍

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଲଗାଇ ବସିଛନ୍ତି ସେମାନେ ଆପଣ ଆ:ସଙ୍କ ଏହି ପବିତ୍ର ଶିକ୍ଷାକୁ ନ ଫେରିବା ଯାଏଁ କଦାପି ରକ୍ଷା ପାଇପାରିବେ ନାହିଁ ଏତଦ୍‌ବ୍ୟତିତ ସେମାନଙ୍କ ପାଇଁ କୌଣସି ସୁସମ୍ବାଦ ନାହିଁ ।

***(ହଓ୍ଵାଦିସେ ତବ୍‌ଇୟା ଅକାବେ ଇଲାହି ପୃ-୧୨୧)***

ନିଜେ ତଥା ନିଜ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ପ୍ରଭୁ ଓ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବାପ୍ରତି ଧ୍ୟାନ ଆକର୍ଷିତ କରାନ୍ତୁ । କାରଣ ସଂସାର ଧ୍ୱସଂ ହେବାପରେ ସଂସାରବାସୀଙ୍କର ଈଶ୍ୱରଙ୍କ ପ୍ରତି ଧ୍ୟାନ କେନ୍ଦ୍ରିତ ହେବ, ସଭିଙ୍କ କର୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ କେନ୍ଦ୍ରିତ ହେବ ସେତେବେଳେ ଲୋକମାନଙ୍କ ଦୃଷ୍ଟି ଯମାତ୍ ପ୍ରତି କେନ୍ଦ୍ରିଭୁତ ହେବ କିନ୍ତୁ ଏହା ପୂର୍ବରୁ ଆମମାନଙ୍କୁ ଦରଦର ସହିତ ଦୁଆ କରିବାକୁ ହେବ କି ସେହି କରାଳ ବିପତି ହିଁ ନ ଆସୁ । ଯେତେବେଳେ କି ସଂସାର ଧ୍ୱସଂ ପ୍ରାପ୍ତିର ମୁହାଣରେ ପହଂଚିଯିବ ଏବଂ ପ୍ରକାଶ ଓ ଶାନ୍ତିର ପଥ ହିଁ ବନ୍ଦ ହୋଇଯିବ ବରଂ ତାହା ପୂର୍ବରୁ ହିଁ ଲୋକମାନଙ୍କ ଆଖି ଖୋଲିଯାଉ । ସୁତରାଂ ଆମମାନଙ୍କୁ ଦୁଆ କରିବା ସହିତ ଉତମ ନମୁନା ମଧ୍ୟ ପଦର୍ଶନ କରିବା ଆବଶ୍ୟକ । ସଂସାରବାସୀଙ୍କୁ ଅବଗତ ମଧ୍ୟ କରିବା ଜରୁରୀ ଅଟେ । ପରସ୍ପରର କର୍ତବ୍ୟ ସମ୍ପାଦନ କରିବାଦ୍ୱାରା ହିଁ ଆମେ ଐଶର୍ଯ୍ୟମୟ ପ୍ରଭୁଙ୍କ ଦୟା ଓ ଅନୁକମ୍ପା ହାସଲ କରିପାରିବା । ମନେରଖ ସେହି ସର୍ବଶକ୍ତିମାନ ଓ ପରମଦୟାଳୁ ପ୍ରଭୁଙ୍କ ଦୟାକୁ ବାଦ୍ ଦେଇ ସଂସାରେ କଦାପି ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ । ନା ଆମ ପ୍ରୟାଶ ସଫଳ ହୋଇପାରିବ ନା ମରିବା ଅନ୍ତେ ଉତମ ପରିଣତି ସମ୍ଭବପର ।

ଅଲ୍ଲାଃଙ୍କ କୃପାରୁ ଏହି ଦିନମାନଙ୍କରେ ଯମାତ୍‌ରେ ଲୋକେ ଯେଉଁ ସ୍ଥଳେ ଉପାସନା ପ୍ରତି ବିଶେଷ ମନଯୋଗ କରୁଛନ୍ତି ସେହି ସ୍ଥଳେ ମାନବ ସେବା କାର୍ଯ୍ୟରେ ଲାଗିରହିବା ଉଚିତ । ଯୁବକମାନେ ଅନ୍‌ସାର, ଲଜ୍‌ନା ଆଦି ପ୍ରତ୍ୟେକଙ୍କ ନିକଟରୁ ବେଶ୍ ସକାରତ୍ମକ ରିପୋର୍ଟସ ଆସୁଅଛି ଏବଂ ଏହା କେତେକ ସଂସାରପ୍ରେମୀ ପଥଭ୍ରଷ୍ଟଙ୍କୁ ସତ୍‌ପଥ ପଦର୍ଶନ କରିବାର ମଧ୍ୟ ମାଧମ ସାବ୍ୟସ୍ତ ହେଉଅଛି ।

ବିଗତ ଦିନ କାନାଡ଼ାରୁ ରିପୋର୍ଟସ ମିଳିଲା । ସେଠିକାର ଜଣେ ମହିଳା ରାତ୍ର ପ୍ରାୟ ଦୁଇଘଟିକା ସମୟରେ ସମସ୍ତ କ୍ଷେତ୍ରରୁ ନିରାଶ ହୋଇ ଆମ ଖୁଦାମ୍ ହେଲ୍ପଲାଇନକୁ ଫୋନ କଲେ କି ମୋର ପୁତ୍ର ପିଡ଼ୀତ ଏବଂ ଔଷଧ ହାସଲ କରିବାର ସମସ୍ତ ରାସ୍ତା ବନ୍ଦ ରହିଛି ପ୍ରତ୍ୟେକ କ୍ଷେତ୍ରରୁ ମତେ ନୈରାଶର ଖବର ମିଳିଛି କି ପ୍ରାତଃ ପୂର୍ବରୁ ଔଷଧ ମିଳିପାରିବ ନାହିଁ । ତା'ର ଅବସ୍ଥା ଅତିଶୟ ଦୁଃଖ ଦାୟକ ସେ ଅଧିକନ୍ତୁ କହିଲେ ଲୋକେ କହୁଛନ୍ତି ପ୍ରଭୁ ବିଦ୍ୟମାନ କିନ୍ତୁ ମୋର ଏଥିରେ ତିଳେ ମାତ୍ର ବିଶ୍ୱାସ ନାହିଁ କିନ୍ତୁ ଆଜି ପରୀକ୍ଷା କରିନେବା ଏବଂ ଅତ୍ୟନ୍ତ ଆତୁର ଆଉ ବ୍ୟତିବ୍ୟସ୍ତ ହୋଇ କହିଲେ ହେ ପ୍ରଭୁ ଯଦି ତୁମେ ଅଛ ତେବେ ମୋ ପୁତ୍ରର ରକ୍ଷା କର ତା'ର ଔଷଧର ବ୍ୟବସ୍ଥା କରିଦିଅ ସେ କୁହନ୍ତି ଏଥିଅନ୍ତେ ମୋର ଖୁଦାମ୍ ହେଲ୍ପଲାଇନ୍‌ର କଥା ମନେପଡ଼ିଲା ଏବଂ ମୁଁ ଫୋନ୍ କରିବାରୁ ସେପଟରୁ ଜଣେ କହିଲେ ଆମେ ଚେଷ୍ଟା କରୁଛୁ । କିଛି କ୍ଷଣ ପରେ ତାଙ୍କର ଫୋନ ଆସିଲା ବର୍ତମାନ ତ ରାତି ଦୁଇଘଟିକା ସମୟ ଏହି କ୍ଷଣି ଔଷଧ ପହଂଚାଇବା ଅସାଧ କାର୍ଯ୍ୟ । ପୁନଶ୍ଚ ତାଙ୍କ ପୁତ୍ରର ଅବସ୍ଥା ପଚାରି ବୁଝିଲେ ତାହାପରେ ସେ କହିଲେ ଠିକ୍ ଅଛି ମୁଁ ସ୍ୱୟମ ଦେଖୁଛି ଯଦି କୌଣସି ଫାର୍ମାସି ଖୋଲିଥିବ । ସେ କୁହନ୍ତି ଉକ୍ତ ଖୁଦାମଙ୍କୁ ନିଦରୁ ଉଠାଇଥିଲି ତଥାପି ସେ ଦୀର୍ଘ ୫୦ କିମି ଦୁରତା ଅତିକ୍ରମ କରି ଔଷଧ ଆଣି ମତେ ଦେଇଗଲେ । ଏହି ଘଟଣା ମତେ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଉପରେ ବିଶ୍ୱାସ ଆଣିବାକୁ ବାଧ କଲା ନିଃସନ୍ଦେହ ଅହେମଦୀୟା ଖୁଦାମଙ୍କ ଯୋଗୁଁ ଏହା ସମ୍ଭବ ହେଲା ଏବଂ ଏଥି ନିମନ୍ତେ ମୁଁ ତାଙ୍କର ଚିରକୃତଜ୍ଞ ।

ଅତଏବ ଏହି ଦିନମାନଙ୍କରେ ଆମେ ମାନବ ସେବା କରି ଭକ୍ତଙ୍କୁ ପ୍ରଭୁଙ୍କ ନିକଟତର କରିବାର ମାଧମ ସାଜିପାରିବା । ରମ୍‌ଜାନ ଆମକୁ ଯେଉଁ ଶିକ୍ଷା ଦେଇଗଲା କି ଅନ୍ୟ ସହ ସମବେଦନା ପ୍ରଦର୍ଶନ କର । ଏହାକୁ ଆମମାନଙ୍କୁ ଅଭ୍ୟାହତ ରଖିବା ଓ ସର୍ବଦା ଅନ୍ୟର ଦୁଃଖକଷ୍ଟ ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା ରମ୍‌ଜାନ୍‌ର ପ୍ରକୃତ ଉଦେଶ୍ୟ ଏବଂ ଏହାକୁ ନିଜ ଭିତରେ ଉଜ୍ଜୀବିତ ରଖିବା ଉଚିତ । ଅତଃ ଏହି ମହାମାରୀ ଯୋଗୁଁ ସଂସାରରେ ଏକ ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି ଅବସ୍ଥାରେ ଏହି ରମ୍‌ଜାନ ଆମକୁ ସର୍ବଦା ନିଜ କର୍ତବ୍ୟ ସମ୍ପାଦନ ପ୍ରତି ଧାନ ଆକର୍ଷିତ କରିବା ଉଚିତ ।

ରମ୍‌ଜାନ୍ ତ କାଲି ଅବା ପରଦିନ ଚାଲିଯିବ ଶେଷ ହୋଇଯିବ କିନ୍ତୁ ତାହାର ପ୍ରକୃତ ଉଦେଶ୍ୟ ଆମମାନଙ୍କୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ । ସେହି ପବିତ୍ର ପରିବର୍ତନ ଯାହା ଆମେ ନିଜ ଭିତରେ ସୃଷ୍ଟି କରିଅଛେ ତାହାକୁ ସର୍ବଦା ଜୀବିତ ରଖିବା ଉଚିତ ପୁଣି ଯେତେବେଳେ ଲକ୍‌ଡ଼ାଉନ୍‌ରେ ନିୟମମାନ କୋହଳ କରାଯିବ ସେତେବେଳେ ଆମେ ବ୍ୟକ୍ତିଗତ ଓ ମାନବଜାତିର କର୍ତବ୍ୟ ସମ୍ପାଦନ କରିବାକୁ ପୁନଃ ପ୍ରଚଳିତ କରିବା । ଏହି ଯୁଗରେ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିଛେ । ଦେଖ ଆପଣଙ୍କର କୌଣସି ଗୋଟିଏ ମଜ୍‌ଲିସ୍ ଏପରି ନଥିଲା ଯେଉଁଥିରେ ଆପଣ ପରମେଶ୍ୱର ଓ ତାଙ୍କର ରସୁଲ୍ ସ:ଆ:ସଙ୍କ ଶିକ୍ଷାର ଆଲୋକରେ ଆମମାନଙ୍କର ସ୍ତର ଓ ପଦ ପ୍ରତି ଧାନ ଆକର୍ଷିତ କରିବାକୁ ଚେଷ୍ଟା କରିନାହାନ୍ତି ।

ସୁତରାଂ ଆମମାନଙ୍କୁ ପ୍ରତି ମୁହୁର୍ତରେ ଆପଣଙ୍କ ହିତ ଉପଦେଶର ପୁନଃ ପାଠନ କରିବା ଉଚିତ । ଯଦ୍ୱାରା ଆମକୁ ବାସ୍ତବିକ ଆସ୍ଥା ଓ ବିଶ୍ୱାସ ଲାଭ ହେବ । ଅନ୍ୟର ଦୋଷତ୍ରୁଟି ଉପରେ ନଜର କରିବା ପୂର୍ବରୁ ନିଜର ଆତ୍ମସମିକ୍ଷା କରିବା ଉଚିତ । ଏହି ପରିପ୍ରେକ୍ଷୀରେ ଆପଣଙ୍କ ନିକଟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କେତେକ କଥନ ରଖିବାକୁ ଚାହେଁ । ଯାହା ଉପରେ ଆମକୁ ଚିନ୍ତନ କରିବା ଉଚିତ ।

ହଜୁର ଆମକୁ କେଉଁ ସ୍ତର ଓ ପଦରେ ଦେଖିବାକୁ ଚାହୁଁଥିଲେ । ସେଥି ସଂକ୍ରାନ୍ତରେ ଆପଣ କୁହନ୍ତି "ପ୍ରତ୍ୟେକ ବ୍ୟକ୍ତି ତହଜ୍ଜୁଦ୍‌ରେ ଉଠିବାକୁ ଚେଷ୍ଟା କରିବା ଉଚିତ ଏବଂ ପାଂଚବେଳା ନମାଜରେ ମଧ୍ୟ କୁନୁତ୍‌କୁ ମିଶାଇ ଦିଅ । ସେ ସମସ୍ତ କାର୍ଯ୍ୟ ଯାହା ପ୍ରଭୁଙ୍କୁ ଅତିଷ୍ଠ କରିଥାଏ ସେଥିରୁ ତୌବାଃ କର । ତୌବାଃର ଅର୍ଥ ସେ ସମସ୍ତ ଅପକର୍ମରୁ ନିବୃତ ରହିବା ଯାହାକି ପ୍ରଭୁଙ୍କ ଅତିଷ୍ଠ କରିଥାଏ ଏବଂ ନିଜ ଭିତରେ ଏକ ପବିତ୍ର ପରିବର୍ତନ ଆଣି ଆଗକୁ ପାଦ ବଢ଼ାଇବା ସହିତ ଧର୍ମ ପରାୟଣତା ଅବଲମ୍ବନ କରନ୍ତୁ । ଉତମ ଅଭ୍ୟାସ ମଣିଷକୁ ଧାର୍ମିକ କରିଦେଇଥାଏ । କ୍ରୋଧ ନୁହେଁ ବରଂ ସେହି ସ୍ଥଳେ ମନଯୋଗ ଏବଂ ନମ୍ରତା ଦଣ୍ଡାୟମାନ ରହିବା ଉଚିତ । ନିଜର ଚରିତ୍ରକୁ ସୋଧନ କରିବା ସହିତ ନିଜର ସାମର୍ଥ୍ୟ ଅନୁଯାୟୀ ଦାନ ଧାନ କରିବା ଉଚିତ । **ୟୁତ୍‌ଇମୁନତ୍ ତାଆମା ଆଲା ହୁବ୍‌ବିହି ମିସ୍‌କିନନ୍ ୱ ୟତିମନ୍ ୱ ଅସିରା** ***(ଦହର୍:୯)*** ଅର୍ଥାତ ପ୍ରଭୁଙ୍କ ପ୍ରସନ୍ନତା ପାଇଁ ଅଭାବି ଓ କଏଦୀମାନଙ୍କୁ ଖାଇବାକୁ ଦେଇଥାନ୍ତି ଏବଂ ଏହା କହିଥାନ୍ତି କି ଆମେ କେବଳ ପ୍ରଭୁଙ୍କ ପ୍ରତିଭାଜନ ହାସଲ କରିବାପାଇଁ ଏପରି କରୁଅଛୁ ଏବଂ ସେହି ଦିନକୁ ଭୟ କରୁଅଛୁ ଯାହାକି ଅତି ଭୟଙ୍କର ଅଟେ । ସଂକ୍ଷିପ୍ତରେ କହିଲେ କ୍ଷମାଜାଚନ କର ଦାନଧାନ କର କି ପ୍ରଭୁ ତୁମ ସହ ଦୟା ଓ କୃପା ଆଚରଣ କରିବେ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୦୮ ଏଡ଼ିଶନ୍- ୧୯୮୪)***

ହଜୁର ଯମାତ୍‌କୁ ଉପଦେଶ ପୁର୍ବକ ଆହୁରି କହିଲେ, "ଦେଖ ପ୍ରଭୁ କାହାରି ପରବାୟ କରିନଥାନ୍ତି କିନ୍ତୁ ପୁଣ୍ୟବନ୍ତମାନଙ୍କର ପରସ୍ପର ସହ ଭାଇଚାରା ଓ ପ୍ରେମ ସମ୍ପର୍କ ସ୍ଥାପନ କର ଓ ହିଂସ୍ର ମନଭବେ ତଥା ମତଭେଦକୁ ପରିହାର କର । ସମସ୍ତ ପ୍ରକାର ଥଟ୍ଟା ଓ ପରିହାସ ମୁଳକ ଆଚରଣରୁ ନିବୃତ ରୁହ, ଦୁରେଇ ଯାଅ କାରଣ ଅନ୍ୟର ପରିହାସ କରିବା ମଣିଷ ହୃଦୟକୁ ସତ୍ୟତାରୁ ଦୁରକୁ ନେଇ ଚାଲି ଯାଇଥାଏ ଏବଂ ଜଣା ନାହିଁ ସେ ତାହାକୁ କେଉଁ ସ୍ଥଳେ ପହଂଚାଇ ଦେଇଥାଏ । ପରସ୍ପରର ଆଦର ସମ୍ମାନ କର ପ୍ରତ୍ୟେକ ନିଜ ଆରାମ ଉପରେ ଅନ୍ୟର ଆରାମକୁ ପ୍ରାଧ୍ୟାନ ଦେବା ଉଚିତ । ଅଲ୍ଲାଃଙ୍କ ସହ ଏକ ସ୍ୱଚ୍ଛ ସନ୍ଧି ସ୍ଥାପନ କର ଏବଂ ତାଙ୍କ ଆଜ୍ଞାବହତା ଅବଲମ୍ବନ କର । ଅଲ୍ଲାଃଙ୍କ କୋପ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଉଅଛି ଏଥିରୁ ସେହିମାନେ ସୁରକ୍ଷିତ ରହିବେ ଯିଏ ନିଜକୁ ପୁର୍ଣ୍ଣରୂପେ ପାପ ମୁକ୍ତ କରି ପ୍ରଭୁଙ୍କ ଶରଣାପନ୍ନ ହୋଇଯିବେ ।

ମନେରଖ ଯଦି ତୁମେ ପ୍ରଭୁଙ୍କ ଆଦେଶ ମୁତାବକ ଅମଳ କର ତାଙ୍କ ଧର୍ମର କକ୍ଷ ଧରି ଛିଡ଼ା ହୋଇଯାଅ । ତେବେ ସେ ତୁମ ମାର୍ଗରେ ଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିଦେବେ ଏବଂ ତୁମେ ସଫଳ ହୋଇଯିବ । କଣ ତୁମେ ଦେଖୁନାହିଁ ଯେ ଜଣେ ଚାଷି ସବଳ ଚାରା ପାଇଁ କ୍ଷେତରୁ ଅନାବନା ଚାରାଗୁଡ଼ିକୁ ଉପାଡ଼ି ଫିଙ୍ଗି ଦେଇଥାଏ ଏବଂ କେବଳ ଫଳପ୍ରଦ ଚାରାଗୁଡ଼ିକର ରକ୍ଷଣବେକ୍ଷଣ କରିଥାଏ । ତଥା ସମସ୍ତ ପ୍ରକାର ବାଧାଭିଘ୍ନ ଓ କ୍ଷତିକାରକ କୀଟଙ୍କ କବଳରୁ ତାହାକୁ ସୁରକ୍ଷା ପ୍ରଦାନ କରିଥାଏ । କିନ୍ତୁ ସେହି ବୃକ୍ଷ ଓ ଲତା ଯାହାକି ଫଳ ଆଣିନଥାଏ ବରଂ ଶୁଖିଯାଏ ଅବା ପଚିସଢ଼ି ଯାଏ ତାହାର ମାଲିକ ସେ ସବୁର ପରବାୟ କରିନଥାଏ କି କୌଣସି ଗାଇଗୋରୁ ଆସି ତାହାକୁ ଖାଇଯାଉ ଅବା କୌଣସି କାଠୁରୀଆ ତାହାକୁ କାଟି ନିଆଁ ମୁହଁକୁ ଫିଙ୍ଗିଦେଉ । ସେହିପରି ତୁମେମାନେ ମଧ୍ୟ ମନେରଖ ଯଦି ତୁମେ ପ୍ରଭୁଙ୍କ ଦୃଷ୍ଟିରେ ସତ୍ୟବାଦି ପ୍ରମାଣିତ ହୋଇଯାଅ ତେବେ କୌଣସି ପ୍ରକାର ବିରୋଧ ତୁମର ତିଳେମାତ୍ର କ୍ଷତି କରିପାରିବ ନାହିଁ । କିନ୍ତୁ ଯଦି ତୁମେ ନିଜ ଅବସ୍ଥା ପରିବର୍ତନ ନ କର ଓ ପ୍ରଭୁଙ୍କ ଆଜ୍ଞାକାରୀ ହେବାର ପଣ ନ କର ତେବେ ସେ କାହାରି ହେଲେ ଭ୍ରୁକ୍ଷେପ

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

କରିନଥାନ୍ତି ।”............

ହଜୁର ଅଧିକନ୍ତୁ କହିଲେ “ତୁମେ ପ୍ରଭୁଙ୍କର ଅତି ନିକଟବର୍ତୀଙ୍କ ମଧ୍ୟରେ ସାମିଲ ହୋଇଯାଅ । ପ୍ରତ୍ୟେକ ନିଜ ମନରୁ ପାରସ୍ପରିକ ଉଗ୍ରତା ଓ ଶତୃତାକୁ ମଧ୍ୟ ଦୁରେଇ ଦିଅନ୍ତୁ କି ବର୍ତମାନ ସେହି ସମୟ ଆସିଯାଇଛି ଯେ ଛୋଟ ଛୋଟ କଥାକୁ ଅଣଦେଖା କରି ଗୁରୁତ୍ୱପୂର୍ଣ୍ଣ ଓ ମହାନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେବାର ଅଛି । ଲୋକେ ତୁମର ବିରୋଧ କରିବେ କିନ୍ତୁ ତୁମେ କାହାର ଖାତିର୍ କରନାହିଁ । ଏକଥା ସଦେବ ମନେରଖ ଯେ କଦାପି କଠୋରତା ଓ କ୍ରୋଧକୁ ନିଜ ନିକଟକୁ ଆସିବାକୁ ଦିଅନାହିଁ । ବରଂ ନମ୍ର, ସରଳ ଓ ଧିରଚିତରେ ପ୍ରତ୍ୟେକଙ୍କୁ ବୁଝାଅ” ।

*(ମଲଫୁଜାତ୍ ଖଣ୍ଡ-୧, ପୃ-୨୬୬ -- ୨୬୮ ଏଡ଼ିଶନ୍- ୧୯୮୪)*

ଆମ ଚାରିତ୍ରିକ ଅବସ୍ଥାର ସୁଧାର ଓ ଭକ୍ତଙ୍କ କର୍ତବ୍ୟ ସମ୍ପାଦନ କରିବାପ୍ରତି ଧାନ ଆକର୍ଷିତ କରି ଗୋଟିଏ ସ୍ଥାନରେ ହଜୁର କୁହନ୍ତି “ଗୋଟିଏ ହଦିସ୍‌ରେ ବର୍ଣ୍ଣିତ ରହିଛି ଅଲ୍ଲାଃ ତାଲା ପ୍ରଳୟ ଦିବସରେ ଭକ୍ତଙ୍କୁ କହିବେ ତୁମେ ବଡ଼ ଭାଗ୍ୟବାନ ଏବଂ ମୁଁ ତୁମ ଉପରେ ପ୍ରସନ୍ନିତ କାରଣ ମୁଁ ଅତ୍ୟନ୍ତ ଭୋକିଲା ଥିଲି ତୁମେ ମତେ ଖାଇବାକୁ ଦେଲ ମୁଁ ଉଲଗ୍ନ ଥିଲି ତୁମେ ମତେ ବସ୍ତ୍ର ଦେଲ, ମୁଁ ଶୋଷିଲା ଥିଲି, ତୁମେ ମତେ ଜଳପାନ କରାଇଲ, ମୁଁ ବ୍ୟାଧିରେ ଆକ୍ରାନ୍ତ ଥିଲି ତୁମେ ମତେ ପରିଦର୍ଶନ କରି ସମବେଦନା ଜଣାଇଲ । ସେ କହିବେ ହେ ପ୍ରଭୁ ତୁମେ ଏସବୁରୁ ତ ପବିତ୍ର ତୁମେ କେବେ ଏପରି ଥିଲ ଯେ, ଆମେ ତୁମ ସହ ଏଭଳି ଆଚରଣ କରିଥିଲୁ । ସେତେବେଳେ ସେ କହିବେ କି ମୋର ଅମକ ଅମକ ଭକ୍ତ ଏପରି ଅବସ୍ଥାର ସମ୍ମୁଖୀନ ହୋଇଥିଲେ ଏବଂ ତୁମେ ତାଙ୍କ ସହ ଏହିପରି ମାମଲା କରିଥିଲ । ବସ୍ତୁତଃ ତୁମେ ମୋ ସହ ପରୋକ୍ଷରେ ଏହି ବ୍ୟବହାର କରିଥିଲ । ଆଉ ଏକ ଦଳ ଏପରି ଥିବେ ଯାହାକୁ ସେ କହିବେ ତୁମେ ମୋ ସହ ଖରାପ ମାମଲା କଲ, ମୁଁ ଅତ୍ୟନ୍ତ ଭୋକିଲା ଥିଲି, ତୁମେ ମତେ ଖାଇବାକୁ ଦେଇନଥିଲ, ମୁଁ ଉଲଗ୍ନ ଥିଲି ତୁମେ ମତେ ବସ୍ତ୍ର ଦେଇନଥିଲ, ମୁଁ ଶୋଷିଲା ଥିଲି ତୁମେ ମତେ ଜଳପାନ କରାଇନଥିଲ, ମୁଁ ବ୍ୟାଧିରେ ଆକ୍ରାନ୍ତ ଥିଲି ତୁମେ ମତେ ସାକ୍ଷାତକରି ସମବେଦନା ପ୍ରକାଶ କରିନଥିଲ । ସେ କହିବେ ହେ ପ୍ରଭୁ ତୁମେ ଏ ସବୁରୁ ପବିତ୍ର ତୁମେ କେବେ ଏପରି ଅବସ୍ଥାରେ ଥିଲ ଯେ ଆମେ ତୁମ ସହ ଏଭଳି ଆଚରଣ କରିଥାନ୍ତୁ । ସେତେବେଳେ ସେ କହିବେ କି ମୋର ଅମକ ଅମକ ଭକ୍ତ ଏପରି ଅବସ୍ଥାର ସମ୍ମୁଖୀନ ହୋଇଥିଲା ଏବଂ ତୁମେ ତାହା ସହ ଏଭଳି ମାମଲା କରିଥିଲ । ବସ୍ତୁଃ ତୁମେ ମୋ ସହ ପରୋକ୍ଷରେ ଏହି ମାମଲା କରିଥିଲ ଏବଂ ତୁମେ ତାହା ସହ ସହାନୁଭୂତି ପ୍ରଦର୍ଶନ କରିନଥିଲ ।

ଏଠାରେ କୌଣସି ସର୍ତ ନାହିଁ ଯେ, ମାନବ ଜାତି ସହ ସମବେଦନା ପ୍ରଦର୍ଶନ କଲାବେଳେ କେବଳ ମୁସଲମାନ, ହିନ୍ଦୁ ଅବା ଖ୍ରୀଷ୍ଟଧର୍ମ ଅବା ଅନ୍ୟ କୌଣସି ଧର୍ମକୁ ଦେଖାଯାଉ । ବରଂ ସମଗ୍ର ମାନବଜାତି ପାଇଁ ଏହି ଆଦେଶ ଅଲ୍ଲାଃଙ୍କର ରହିଛି । ବସ୍ତୁତଃ ମାନବଜାତି ସହ ସହାନୁଭୂତି ପ୍ରଦର୍ଶନ କରିବା ଏକ ବହୁତ ବଡ଼ ଉପାସନା । ପ୍ରଭୁଙ୍କ ପ୍ରିତିଭାଜନ ହାସଲ କରିବା ନିମନ୍ତେ ଏହା ଏକ ଜବରଦସ୍ତ ମାଧ୍ୟମ କିନ୍ତୁ ମୁଁ ଦେଖୁଅଛି ଏହି ଦିଗରେ ବେଶ୍ ଦୁର୍ବଳତା ପରିଲକ୍ଷିତ ହେଉଅଛି । ଅନ୍ୟକୁ ତୁଚ୍ଛ ମଣାଯାଉଅଛି । ତାଙ୍କର କଥା ବୁଝିବା ସାହାଯ୍ୟ ସହଯୋଗ କରିବା ତ ଦୁରରେ ଥାଉ ତାଙ୍କର ପରିହାସ କରାଯାଉଅଛି । ଯେଉଁମାନେ ଗରିବ ଲୋକଙ୍କ ସହ ଉତମ ଆଚରଣ କରୁନାହାନ୍ତି ବରଂ ତାଙ୍କ ହେୟଜ୍ଞାନ କରୁଛନ୍ତି । ସେମାନଙ୍କ ସମ୍ବନ୍ଧରେ ମୁଁ ଆଶଙ୍କା ଘେରରେ ରହିଛି କି ସେମାନେ ଏପରି ବିପତିର ସମ୍ମୁଖିନ ନ ହୋଇଯାଆନ୍ତୁ । ଅଲ୍ଲାଃ ଯାହାଙ୍କ ଉପରେ କୃପା କରିଛନ୍ତି ସେମାନେ ତାହାଙ୍କ କୃତଜ୍ଞତା ଏପରି ଜ୍ଞାପନ କରିବା ଉଚିତ ଯେ ଗର୍ବ ଓ ଅହଙ୍କାରଠାରୁ ଦୁରେଇ ତାଙ୍କ ସହ ଦୟା ଆଚରଣ କରନ୍ତୁ ଏବଂ ଏହି ଐଶ୍ୱିଦତ କୃପା ଯୋଗୁଁ ଗର୍ବ ନ କରନ୍ତୁ ଓ ହିଂସ୍ରପଶୁଙ୍କ ଭଳି ଗରିବମାନଙ୍କୁ ଦଳିଚକଟି ନ ଦିଅନ୍ତୁ ।

*(ମଲଫୁଜାତ୍ ଖଣ୍ଡ-୮, ପୃ-୧୦୨-୧୦୩ ଏଡ଼ିଶନ୍- ୧୯୮୪)*

ଏହାର ଅଧିକ ବ୍ୟାଖ୍ୟା କରି ଆପଣ କୁହନ୍ତି “ଅସଲ କଥା ଏହି କି ଯେ, କଷ୍ଟ ଓ ସମ୍ବେଦନଶୀଳ ମାର୍ଗ ହେଉଛି ଭକ୍ତର କର୍ତବ୍ୟ ସମ୍ପାଦନ କରିବା । କାରଣ ସେମାନଙ୍କ ସହ ଅଧିକାଂଶ ମାମଲା ପଡ଼ିଥାଏ । ଏବଂ ପ୍ରତିମୁହୂର୍ତରେ ଏହି ପରୀକ୍ଷାର ମଣିଷ ସମ୍ମୁଖୀନ ହୋଇଥାଏ । ତେଣୁ ବେଶ୍ ସାବଧାନତା ଓ ବୁଦ୍ଧିମାନର ସହ ଏହି ପରୀକ୍ଷାରେ ପାଦ ଆଗକୁ ବଢ଼ାଇବା ଉଚିତ । ମୋର ତ ଏହି ବିଶ୍ୱାସ କି ଶତୃ ସହ ମଧ୍ୟ କଠୋର ଓ କୃରତା ପ୍ରଦର୍ଶନ କରିବାରେ ସୀମା ଲଙ୍ଘିବା ଉଚିତ ନୁହେଁ କେତେକ ଲୋକ ନିଜ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥାନ୍ତି କି ନିଜ ଶତୃର କ୍ଷତି କରାଯାଉ ଓ ତାକୁ ଧ୍ୱଂସ କରାଯାଉ । ଏଥିରେ ସେମାନେ ବୈଧ ଓ ଅବୈଧର ପ୍ରଭେଦ ଦେଖୁନଥାନ୍ତି । ତାହାକୁ ନିନ୍ଦିତ, ତଳିତଳାନ୍ତ ତଥା ଲୋକ ଲଜ୍ଜିତ କରିବାପାଇଁ ମିଥ୍ୟା ଅପବାଦ ଓ ଅନ୍ୟକୁ ପ୍ରବର୍ତାଇବା ଆଦି ସମସ୍ତ କାର୍ଯ୍ୟ କରିବସି

## CORONA VIRUS ଦ୍ୱାରା ବ୍ୟାପୁଥିବା ମହାମାରୀ ରୋଗ ପାଇଁ ହୋମିଓପାଥି ଔଷଧ

ସାରା ଦୁନିଆରେ CORONA VIRUS କ୍ଷିପ୍ରଗତିରେ ବ୍ୟାପିଚାଲିଛି ତେଣୁ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଅତ୍ୟନ୍ତ ଦୟାପରବଶ ହୋଇ ନିମ୍ନଲିଖିତ ଔଷଧଗୁଡ଼ିକର ସେବନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ।

### ପ୍ରତିଶେଧକ ନିମନ୍ତେ

(୧) ପ୍ରତିଶେଧକ ମୂଳକ ଔଷଧକୁ ଦୁଇ ସପ୍ତାହ ପର୍ଯ୍ୟନ୍ତ ନିୟମିତ ବ୍ୟବହାର କରି ପୁଣି ଏକ ସପ୍ତାହ ବିରତି ଦେଇ ତା’ପର ସପ୍ତାହ ବ୍ୟବହାର କରନ୍ତୁ । ଏହିପରି ଛଅ ସପ୍ତାହ ପର୍ଯ୍ୟନ୍ତ ଏହି କ୍ରମରେ ଦୋହରାନ୍ତୁ । ୫ ବର୍ଷରୁ କମ୍ ବୟସର ପିଲାମାନଙ୍କୁ କେବଳ ସପ୍ତାହରେ ଥରେ ଦିଅନ୍ତୁ ।

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

(୨) ୫ ବର୍ଷରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଓ ଗର୍ଭବତୀ ମହିଳାମାନଙ୍କ ପାଇଁ :

| | | | |
|---|---|---|---|
| (i) | Aconite - 200 | Arsenic Alb - 200 | Gelsemium - 200 |

| | |
|---|---|
| (ii) | Chelidonium Maj - 1x |

ଏହି ଦୁଇପ୍ରକାରର ଔଷଧ ଅର୍ଥାତ (i) ଏବଂ (ii) ତିନି ଦିନ ଅନ୍ତରରେ ପାନେ ଲେଖାଏଁ (ଉଦାହରଣ ସ୍ୱରୂପ ସୋମବାର ଏବଂ ଗୁରୁବାର) ଦିନ ଗୋଟିଏ ଗୋଟିଏ ପାନ ଖାଆନ୍ତୁ । ଦଶ ବୁନ୍ଦା ଔଷଧ ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ଖାଆନ୍ତୁ ।

(୩) ଏତତ୍‌ବ୍ୟତିତ ବାକି ସବୁ ଲୋକମାନଙ୍କ ନିମନ୍ତେ:

| | | |
|---|---|---|
| Aconite - 200 | Arsenic Alb - 200 | Gelsemium - 200 |

ସପ୍ତାହରେ ଦୁଇଥର (ତିନି ଦିନ ଅନ୍ତରରେ) ଗୋଟିଏ ଗୋଟିଏ ପାନ ଏବଂ **Chelidonium Maj - 1x** ଦଶ ବୁନ୍ଦା ଢ଼ୋକେ ଦି ଢ଼ୋକ ପାଣିରେ ମିଶାଇ ସପ୍ତାହରେ ତିନିଥର (ଦୁଇ ଦିନ ଅନ୍ତରାଳରେ) ଗୋଟିଏ ଗୋଟିଏ ପାନ ।

### ରୋଗ ହୋଇଥିଲେ

| | | | |
|---|---|---|---|
| (i) | Influenzinum-200 | Bacillinum-200 | Diphtherinum-200 |

ଗୋଟିଏ ସପ୍ତାହ ସକାଳେ ଓ ସଂନ୍ଧ୍ୟାରେ ତା’ପରେ ସପ୍ତାହକୁ ଦୁଇଥର (ତିନିଦିନ ଅନ୍ତରାଳରେ)

| | | | |
|---|---|---|---|
| (ii) | Arnica-30 | Baptisea-30 | Arsenic Alb-30 |
| | Heper Sulph-30 | Nat. Sulph-30 | |

ଦିନରେ ଦୁଇ ରୁ ତିନିଥର

| | |
|---|---|
| (ii) | Chelidonium Maj - 1x |

ଦଶ ବୁନ୍ଦା ଢ଼ୋକେ ଦୁଇ ଢ଼ୋକ ପାଣିରେ ମିଶାଇ ଦିନରେ ଦୁଇଥର ଖାଇବା ପରେ ସେବନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

### କଲାମୂଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।’’ *(କଶତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

### ଅଲ୍ଲା ତାଲାଙ୍କ ବାଣୀ

‘‘ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି’’

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

ଥାନ୍ତି । ଏବେ ଦେଖ ଏକ ସାଧାରଣ ଶତୃତା ମଣିଷକୁ କିଭଳି ନିମ୍ନସ୍ତରକୁ ଟାଣି ନେଇଥାଏ । ପୁଣି ଏହି ଅପକର୍ମ ଯେତେବେଳେ ଛୁଆ ଜନ୍ମ କରିବ ତେବେ କଥା କେଉଁଠାରେ ପହଂଚିବ” ।

ମୁଁ ସତ କହୁଅଛି ଆଜି ସଂସାରର ଅବସ୍ଥା ଏହିପରି ବ୍ୟକ୍ତିଗତ ସ୍ତରରେ ଓ ସାମୁହିକ ସ୍ତରରେ ଉଭୟ ସ୍ତରରେ ତଥା ଗୋଷ୍ଠୀଗତ ଏବଂ ପ୍ରଶାସନିକସ୍ତରରେ ସବୁ କ୍ଷେତ୍ରରେ ଏହା ପରିଲକ୍ଷିତ ହେଉଅଛି । ଦେଖ ମୁଁ ସତ କହୁଛି ତୁମେ କାହାରିକୁ ନିଜ ବ୍ୟକ୍ତିଗତ ଶତୃ ମଣନାହିଁ ବରଂ ଏହି ହୀନମନା କୁର୍ମକୁ ପୂର୍ଣ୍ଣରୂପେ ପରିତ୍ୟାଗ କର ଯଦି ପ୍ରଭୁ ତୁମ ସହିତ ଅଛନ୍ତି ତେବେ ସେ ତୁମ ଶତୃମାନଙ୍କୁ ତୁମ ଦାସମାନଙ୍କ ମଧ୍ୟରେ ସାମିଲ କରିଦେବେ । କିନ୍ତୁ ଯଦି ତୁମେ ପ୍ରଭୁଙ୍କ ଠାରୁ ନିଜ ସମ୍ପର୍କ ତୁଟାଇ ବସ ଏବଂ ତାଙ୍କ ଇଚ୍ଛା ବିପରିତ କାର୍ଯ୍ୟ କର ଏବଂ ନିଜ ଚାଲିଚଳନ ଏହିପରି କରିନିଅ ତେବେ ଏପରି ସ୍ଥଳେ ପ୍ରଭୁଙ୍କଠାରୁ ବଡ଼ ଶତୃ ଆଉ ତୁମର କିଏ ? ଦେଖ ସୃଷ୍ଟିର ଶତୃତାରୁ ମଣିଷ ବର୍ତିଯାଇପାରେ କିନ୍ତୁ ଯେତେବେଳେ ପରମେଶ୍ୱର ନିଜର ଶତୃ ପାଲଟିଯାନ୍ତି ଓ ସମଗ୍ର ସୃଷ୍ଟିଜଗତ ତୁମର ବନ୍ଧୁ ସାଜି ଯାଏ ତଥାପି ତୁମେ ନିସ୍ତାର ପାଇବ ନାହିଁ । ତେଣୁ ତୁମ ଆଚରଣ ଅବତାରଙ୍କ ପରି ହେବା ଉଚିତ । ପ୍ରଭୁଙ୍କର ଏହା ଇଚ୍ଛା ଯେ ବ୍ୟକ୍ତିଗତ ଶତୃତାକୁ ଏଡ଼ାଇ ଦିଅ ।

ଖୁବ୍ ଭଲକରି ମନେରଖ ମଣିଷକୁ ମର୍ଯ୍ୟାଦା ଓ ସୌଭାଗ୍ୟ ସେତେବେଳେ ପ୍ରାପ୍ତ ହୋଇଥାଏ ଯେତେବେଳେ ସେ କାହାରିକୁ ନିଜ ବ୍ୟକ୍ତିଗତ ଶତୃ ରଖିନଥାଏ, ହଁ ପରମେଶ୍ୱର ଓ ତାଙ୍କ ରସୁଲ୍ଙ୍କ ସମ୍ମାନ ରକ୍ଷା କରିବା ବିଷୟ ଅଲଗା । ଏହି ଶତୃତାର ମଧ୍ୟ ସ୍ୱଷ୍ଟିକରଣ କରି ଅର୍ଥାତ ପରମେଶ୍ୱର ଓ ରସୁଲ୍ଙ୍କ ଖାତିର୍ ଯଦି କିଏ କାହା ସହିତ ଶତୃତା କରେ ତେବେ ଏହି ପରିପ୍ରେକ୍ଷୀରେ ସ୍ୱଷ୍ଟିକରଣ କରି ହଜୁର କୁହନ୍ତି । “ଏହାର ଅର୍ଥ ନୁହେଁ କି ତୁମେ କାହା ଉପରେ ମିଥ୍ୟା ଲାଞ୍ଛନା ଓ ଅଯଥାରେ ଦୁଃଖକଷ୍ଟ ଦେବା ଆରମ୍ଭ କରିଦିଅ ନା, ବରଂ ତା ଠାରୁ ଅଲଗା ହୋଇଯାଅ ଏବଂ ଉକ୍ତ ମାମଲା ପ୍ରଭୁଙ୍କ ଉପରେ ଛାଡ଼ି ଦିଅ । ଯଦି ତୁମ ଦ୍ୱାରା ସମ୍ଭବ ତେବେ ତାହାର ସୁଧାର ପାଇଁ ଦୁଆ କର କିନ୍ତୁ ନିଜ ତରଫରୁ କୌଣସି ନୂତନ ରଚନା ଆରମ୍ଭ କରିଦିଅ ନାହିଁ ।”

*(ମଲ୍ଫୁଜାତ୍ ଖଣ୍ଡ-୮, ପୃ-୧୦୪-୧୦୫ ଏଡ଼ିଶନ୍- ୧୯୮୪)*

ପୁନଶ୍ଚ ଚାରିତ୍ରିକ ସ୍ତର ପ୍ରତି ଧ୍ୟାନ ଆକର୍ଷଣ କରାଇ ଆପଣ କୁହନ୍ତି । “ଏହା ଏଭଳି ପରିମାର୍ଜିତ ହୋଇଥିବା ଉଚିତ କି କାହାରିକୁ ଭଲ ମନାର ସହ ବୁଝାଇବା ଓ କାହାକୁ ତା’ର ଭୁଲ୍ ସମ୍ବନ୍ଧରେ ଅବଗତ କରାଇବା ଏପରି ଶୈଳୀରେ ହେବା ଉଚିତ କି ତାହାକୁ ଏହାଦ୍ୱାରା ଖରାପ ନ ଲାଗୁ । କାହାକୁ ତୁଚ୍ଛ ବା ହେୟ ମଣନାହିଁ । କାହାରି ମନକୁ କଷ୍ଟ ଦିଅନାହିଁ, ଯମାତ ମଧ୍ଯରେ ଅପୋଷ କଳହ ଓ ବିଭ୍ରାଟ ସୃଷ୍ଟି ନ ହେଉ । ଗରିବ ଭାଇଭଉଣୀଙ୍କୁ କେବେ ନ୍ୟୁନ ମଣ ନାହିଁ । ଧନ ସମ୍ପତି ପ୍ରତିଷ୍ଠା ଓ ଆଭିଜ୍ୟାତକୁ ନେଇ ଗର୍ବ କରନାହିଁ । ପ୍ରଭୁଙ୍କ ନିକଟରେ ମର୍ଯ୍ୟାଦାପୁଣ୍ଡ ସେ ଯିଏ ଧର୍ମନିଷ୍ଠ ଅଟେ । ଯେପରି ସେ କୁହନ୍ତି **ଇନ୍ନା ଅକ୍ରମ୍କୁମ୍ ଇନ୍ଦଲ୍ଲାହି ଅତ୍କାକୁମ୍** *(ହଜୁରାତ:୧୪)* ଅର୍ଥାତ ପର ଓ ଅଚିହ୍ନା ଅଦେଖା ବ୍ୟକ୍ତିଙ୍କ ସହ ମଧ୍ୟ ସୁନ୍ଦର ବ୍ୟବହାର ପଦର୍ଶନ କର ଯିଏ ଖଳ ବ୍ୟକ୍ତି ଓ ମନ୍ଦ ବ୍ୟକ୍ତି ତାହା ସହ ମଧ୍ୟ ଉତମ ଆଚରଣ ପ୍ରଦର୍ଶନ କର । ଯେଉଁ ବ୍ୟକ୍ତି ଅସତ୍ ବ୍ୟବହାରର ଆଦର୍ଶ ହୋଇଥାଏ ସେ ମଧ୍ୟ ଭଲ ବ୍ୟକ୍ତିର ପଦବାଚ୍ୟ ନୁହେଁ । ଆମ ଯମାତ୍ ସହିତ ଲୋକମାନେ କେବଳ ମାଲି ମୋକଦ୍ଦମାର ବାହାନା ଖୋଜୁଥାନ୍ତି । ଲୋକମାନଙ୍କ ପାଇଁ ଗୋଟିଏ ତାଉନ୍ ବା ପ୍ଲେଗ୍ ରୋଗ ରହିଛି ଏବଂ ଆମ ଯମାତ୍ ପାଇଁ ଦୁଇଟି ତାଉନ୍ ନିର୍ଦ୍ଧାରିତ । ଯମାତ୍ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଅସତ୍ କର୍ମ କରିବ ତେବେ ସେହି ବ୍ୟକ୍ତି ଯୋଗୁଁ ଯମାତ୍‌ରେ କଳଙ୍କ ଲାଗିବ । ବୁଦ୍ଧିମତା ଓ ଚତୁରତା, ସହନଶୀଳତା, ସହିଷ୍ଣୁତା ଏବଂ କ୍ଷମାଦାନ ର ଶକ୍ତିକୁ ବୃଦ୍ଧି କର । ଅବୋଧ ବ୍ୟକ୍ତିର କଥାକୁ ଅତ୍ୟନ୍ତ ଗଭୀରତା ଓ ଶାନ୍ତିପୂର୍ଣ୍ଣଭାବରେ ଉତର ଦିଅ । ଅନର୍ଥ ମୁଳକ କଥାର ଉତର ଅନର୍ଥମୁଳକ ନ ହେଉ । କହିଲେ ଯେ, ଯଥୋଚିତ ହେବ ଯେ ଏହି ପରୀକ୍ଷଣମୂଳକ ଦିନମାନଙ୍କରେ ନିଜ ଅର୍ନ୍ତଆତ୍ମାକୁ ମାରି ଧର୍ମପରାୟଣତା ଅବଲମ୍ବନ କର । ଉକ୍ତ କଥାଗୁଡ଼ିକରୁ ମୋର ଏତିକି ମାତ୍ର ଅଭିପ୍ରାୟ ଯେ, ତୁମେମାନେ ଉପଦେଶକୁ ଗ୍ରହଣ କର ଏବଂ ଶିକ୍ଷା ଆହାରଣ କର । ସଂସାର ହେଉଛି କ୍ଷଣସ୍ଥାୟୀ ଧର୍ମୟ କଥା ଓ ଉପଦେଶ ଉପରେ ପ୍ରାଣ ଉତ୍ସର୍ଗ କରିବା ହେଉଛି ଖୁସିର ଓ ଆନନ୍ଦର କଥା ପ୍ରକୃତ ଲକ୍ଷ୍ୟ ହେଉଛି ଧର୍ମ ଉପାର୍ଜନ କରିବା ।”

*(ମଲ୍ଫୁଜାତ୍ ଖଣ୍ଡ-୧, ପୃ-୨୦୮-୨୦୯ ଏଡ଼ିଶନ୍- ୧୯୮୪)*

ପୁନଶ୍ଚ ଏକ ଅବସରରେ ଯମାତ୍‌କୁ ଉପଦେଶ ଦେଇ ହଜୁର ଆ:ସ କହିଲେ,

ଆମ ଯମାତକୁ କେବଳ ଖାଂଟି ବାକ୍‌ପଟୁତା ଉପରେ ନିର୍ଭର ନ କରି ବୟତର ପ୍ରକୃତ ଅଭିପ୍ରାୟକୁ ପୂର୍ଣ୍ଣକାରୀରେ ପରିଣତ କରିବାକୁ ଚେଷ୍ଟା କରିବା ଉଚିତ । ନିଜ ମଧ୍ୟରେ ଅନ୍ତଃ ପରିବର୍ତନ ଆଣିବା ଉଚିତ । ତୁମେମାନେ ସମସ୍ୟା ସମ୍ପର୍କରେ ଅବଗତ ହୋଇଗଲ ବୋଲି ଅଲ୍ଲାଃ ତାଲାଙ୍କୁ କେବଳ ସମସ୍ୟା ପ୍ରସନ୍ନ କରିପାରିବ ନାହିଁ । ବରଂ ଏହା ଦ୍ୱାରା ଅଲ୍ଲାଃ ପ୍ରସନ୍ନ ହେବେ ନାହିଁ । ଯଦି ତୁମ ମଧ୍ୟରେ ପରିବର୍ତନ ଘଟିନାହିଁ ତେବେ ତୁମମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ କୌଣସି ପ୍ରାର୍ଥକ୍ୟ ନାହିଁ । ଯଦି ତୁମମାନଙ୍କ ମଧ୍ୟରେ ଛଳନା, କପଟତା ଓ ଶିଥିଳତା ଆଳସ୍ୟପଣ ଆଦି ଭରି ରହିଛି ତେବେ ତୁମେମାନେ ଅନ୍ୟମାନଙ୍କ ଅପେକ୍ଷା ପ୍ରଥମେ ଧ୍ୱଂସ ହେବ । ପ୍ରତ୍ୟେକ ବ୍ୟକ୍ତଙ୍କ ନିମନ୍ତେ ଏହା ଉଚିତ ଯେ ସେ ନିଜର ଭାର ନିଜେ ବହନ କରୁ ଏବଂ ନିଜର ପ୍ରତିଶୃତିକୁ ପୂରଣ କରୁ କାରଣ ଜୀବନର ଭରଷା ନାହିଁ ।”

ହଜୁର ଆ:ସ କୁହନ୍ତି ଯେଉଁ ବ୍ୟକ୍ତି ସମୟ ପୂର୍ବରୁ ପୂଣ୍ୟ କରିଥାଏ ଆମେ ଆଶା କରୁ ସେହି ବ୍ୟକ୍ତି ପବିତ୍ର ହୋଇଯିବ । ନିଜ ଆତ୍ମାର ସୁଧାର କରି ନିଜକୁ ପରିମାର୍ଜିତ କରନ୍ତୁ । ତୁମେ ଚେଷ୍ଟାକର ନମାଜରେ ଦୁଆକର, ଦାନ ଦକ୍ଷିଣା କର ଏବଂ ଅନ୍ୟ ସମସ୍ତ ମାଧ୍ୟମରେ **ୱଲଲଜିନା ଯାହଦୁ ଫିନା** (ଅନ୍‌କବୁତ୍ : ୭୦) ରେ ସାମିଲ ହୋଇଯାଅ ଯେଉଁଭଳି ରୋଗୀ ବଇଦ ପାଖକୁ ଯାଇ ଔଷଧ ସେବନ କରିଥାଏ । ରେଚକ କରାଉଥିବା ଔଷଧ ନେଇଥାଏ, ରକ୍ତ ପରୀକ୍ଷା କରିଥାଏ, ଟକୋର କରିବା ଅର୍ଥାତ ଗରମ ବାଲି ଦ୍ୱାରା କ୍ଷତସ୍ଥାନକୁ ଶେକ ଦେବା ଓ ଆରୋଗ୍ୟ ତଥା ଉପଶମ ପ୍ରାପ୍ତ କରିବାପାଇଁ ପ୍ରତ୍ୟେକ ପ୍ରକାର ଉପାୟ ଅବଲମ୍ବନ କରିଥାଏ । ସେହିପରି ନିଜର ଆଧାତ୍ମିକ ରୋଗକୁ ଦୁର କରିବାପାଇଁ ପ୍ରତ୍ୟେକ ପ୍ରକାର ଚେଷ୍ଟା କରେ । କେବଳ ତୁଣ୍ଡ ଦ୍ୱାରା ନୁହେଁ ବରଂ ଯେଉଁଭଳି ଚେଷ୍ଟା କରିବାକୁ ଅଲ୍ଲାଃ ତାଲା କହିଛନ୍ତି । ସେ ସମସ୍ତ ଉପାୟ ଅବଲମ୍ବନ କରିବା ଉଚିତ । ଦାନଦକ୍ଷିଣା କର ବଣଜଙ୍ଗଲକୁ ଯାଇ ଦୁଆ କର” ।

ପୁନଶ୍ଚ ହଜୁର ଆ:ସ କୁହନ୍ତି । “ଅଲ୍ଲାଃ ତାଲା କୌଶଳ ଅବଲମ୍ବନକାରୀଙ୍କୁ ପସନ୍ଦ କରନ୍ତି ଅତାର୍ଥ ପ୍ରୟାସ କାରୀଙ୍କୁ ପସନ୍ଦ କରନ୍ତି ଏବଂ ଯେତେବେଳେ ମନୁଷ୍ୟ ସମସ୍ତ କୌଶଳ ଅବଲମ୍ବନ କରେ ତେବେ କୌଣସି ନା କୌଣସି ଲକ୍ଷ୍ୟ ଭେଦ କରିଥାଏ ଅର୍ଥାତ ନିଦର୍ଶନ ମଧ୍ୟ ପାଲଟି ଯାଇଥାଏ ତେଣୁ ଏହି ଭଳି ବିଷମ ପରିସ୍ଥିତିରେ ବିଶେଷ କରି ଯେତେବେଳେ ପାକିସ୍ତାନ ଓ ଅନ୍ୟ ଦେଶମାନଙ୍କରେ ଅହେମଦୀମାନଙ୍କ ବିରୋଧରେ ଏକ ଜନ ଆକ୍ରୋଶ ଆନ୍ଦୋଳିତ ହେଉଅଛି । ଆମମାନଙ୍କୁ ଅଲ୍ଲାଃ ତାଲାଙ୍କ ଦୟା ଓ କୃପାକୁ ସାଉଁଟିବା ପାଇଁ ପ୍ରତ୍ୟେକ ପ୍ରକାର ଚେଷ୍ଟା ଅବ୍ୟାହତ ରଖିବା ଉଚିତ । ଯେତେବେଳେ ଶତୃ ଶତୃତାର ଚରମସୀମାରେ ଉପନୀତ ହୋଇଅଛି ତେବେ ଆମମାନଙ୍କୁ ମଧ୍ୟ ଅଲ୍ଲାଃ ତାଲାଙ୍କର ଦୟା ଓ କୃପାକୁ ଟାଣି ଆଣିବାପାଇଁ ଚେଷ୍ଟା କରିବା ଉଚିତ ।

ସେହିପରି ଏହି ଯୁଗରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ମର୍ଯ୍ୟଦା ଓ ସ୍ତର ଏବଂ ତାଙ୍କର ଚାରିତ୍ରିକ ଆଦର୍ଶକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମମାନଙ୍କ ସମ୍ମୁଖରେ ସ୍ୱଷ୍ଟ କରିଦେଇଛନ୍ତି ଯେ ଏହି ସବୁ ଜିନିଷ ତଥା ସର୍ବୋଚ୍ଚସ୍ତରର ଚାରିତ୍ରିକ ଆଦର୍ଶ ଅଲ୍ଲାଃ ତାଲାଙ୍କ କର୍ତବ୍ୟ ଏବଂ ଭକ୍ତର କର୍ତବ୍ୟେ ସମ୍ପାଦନ ଆଦି ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଦର୍ଶ ଓ ନମୁନା ଉପରେ ଆଧାରିତ । ତେଣୁ ଏଗୁଡ଼ିକର ଅନୁକରଣ କରିବା ଦ୍ୱାରା ହିଁ ଏସବୁ ସମ୍ଭବପର ଏବଂ ଆମମାନଙ୍କୁ ବାରମ୍ବାର ଏହା କୁହାଯାଇଛି ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଆଦୃତ ପଥକୁ କଦାପି ତ୍ୟାଗ କରନାହିଁ” ।

ଏ ସଂକ୍ରାନ୍ତରେ ଉପଦେଶ ଦେଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏକ ସ୍ଥଳରେ କୁହନ୍ତି “ମୁଁ ଏହା ମଧ୍ୟ କହିଦେବାକୁ ଚାହେଁ ଯେ ଅନେକ ଲୋକମାନେ ନିଜ ସ୍ୱରଚିତ କାର୍ଯ୍ୟଶୈଳୀ ଏବଂ ଜପ ମାଧ୍ୟମରେ ସେହି ଚମତ୍କାରକୁ ପ୍ରାପ୍ତ କରିବାକୁ ଚାହାନ୍ତି । ଅଥବା ଅଲ୍ଲାଃଙ୍କ ସହିତ ପ୍ରକୃତ ସମ୍ପର୍କ ସ୍ଥାପନ କରିବାକୁ ଚାହାନ୍ତି । କିନ୍ତୁ ମୁଁ କହୁଛି ଯେ, ସ୍ୱରଚିତ ଜପଗୁଡ଼ିକ ମାଧ୍ୟମରେ ସେମାନେ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ଚାହାନ୍ତି । ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି, ଯେ ମୁଁ ତୁମକୁ କହୁଛି ଯେଉଁ କୌଶଳ ହଜୁର ସ:ଆ:ସ ଅବଲମ୍ବନ କରିନାହାନ୍ତି ତାହା କେବଳ ନିରର୍ଥକ ଅଟେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ବଳି **ମୁନାମ୍ ଆଲୈହିମ୍‌**ର ମାର୍ଗର ପ୍ରକୃତ ଅଭିଜ୍ଞ ବ୍ୟକ୍ତି ଆଉ କିଏ ହୋଇପାରିବ । କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଅବତାରତ୍ୱର ସମସ୍ତ ଚମତ୍କାରର ପରିସମାପ୍ତି ଘଟିଛି । ହଜୁର ସ:ଆ:ସ ଯେଉଁ ମାର୍ଗ ଆପଣାଇଛନ୍ତି ତାହା ସଠିକ୍ ଏବଂ ଅତି ନିକଟତମ ମାର୍ଗ ଅଟେ । ପ୍ରଭୁଙ୍କୁ ହାସଲ କରିବାର ଅବା ତାଙ୍କ ନିକଟତର ହେବାର । ଉକ୍ତ ମାର୍ଗକୁ ବାଦ୍ ଦେଇ ଅନ୍ୟମାର୍ଗକୁ ଅବଲମ୍ବନ କରିବା ତାହା ସରଳତା ମନେ ହେଉନା କାହିଁକି ମୋ ନିକଟରେ ତାହା ହେଉଛି ବିନାଶକାରକ ଏବଂ ଅଲ୍ଲାଃ ତାଲା ମୋ ଉପରେ ଏହିପରି ହିଁ ପ୍ରକାଶ କରିଛନ୍ତି ।

*(ମଲ୍ଫୁଜାତ୍ ଖଣ୍ଡ-୧, ପୃ-୩୫୫ ଏଡ଼ିଶନ୍- ୧୯୮୪)*

ଆମମାନଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କଠାରୁ ଭିନ୍ନ କରୁଥିବା ବ୍ୟକ୍ତିମାନଙ୍କର ଏହି ପରି ପରିଣତି ଦେଖାଯାଇଛି ଯେ ସେମାନେ ପୀର୍, ଫକୀର୍ ଓ ନାମକୁ ମାତ୍ର ବିଦ୍ୱାନ ମଣୁଥିବା ଲୋକମାନଙ୍କ ବ୍ୟାଖ୍ୟା ଦ୍ୱାରା ଇସ୍‌ଲାମ୍‌ର ଶିକ୍ଷାକୁ କ୍ଷତି ପହଂଚାଇଛନ୍ତି । ଏହା ସତ୍ୱେ ବି ସେମାନେ ନିଜକୁ ମୁସଲମାନ ବୋଲାଉଛନ୍ତି ଏବଂ ଆମମାନଙ୍କୁ ଇସ୍‌ଲାମ୍‌ର ପରିଧିରୁ ବହିସ୍କାର କରୁଛନ୍ତି ପୁନଶ୍ଚ ହଜୁର ସ:ଆ:ସଙ୍କର ଏହି ମର୍ଯ୍ୟାଦାକୁ ଅଧିକ ସରଳ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରନ୍ତି ଯେ, ହଜୁର ସ:ଆ:ସଙ୍କ ପ୍ରକୃତ ଆଜ୍ଞାବହତା ଦ୍ୱାରା ଅଲ୍ଲାଃ ତାଲା ପ୍ରାପ୍ତ ହୋଇଥାନ୍ତି ଏବଂ ହଜୁର ସ:ଆ:ସ ଆଜ୍ଞାବହତାକୁ ବାଦ୍ ଦେଇ ଯେଉଁ ବ୍ୟକ୍ତି ଅନ୍ୟ

ଯେକୌଣସି ଉପାୟ ଓ ସିଜ୍‌ଦା ତଥା ମଥାନତ ହୁଏ ତାହାକୁ ମାଣିକ୍ୟ ରତ୍ନ ଅର୍ଥାତ ବାସ୍ତବିକ ଉଦ୍ଦେଶ୍ୟ କଦାପି ପ୍ରାପ୍ତ ହୋଇପାରିବ ନାହିଁ ।

ତେଣୁ ସେକ୍ ସାଦି ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରି ଏକ ଫାର୍ସୀ କବିତାରେ କହିଛନ୍ତି, **ବଜୁହ୍‌ଦୋ ଓ୍ୱଲାକୁଶ୍ ଓ୍ୱ ସିଦ୍‌କୋ ସଫା ଓ୍ୱଲାକିନ୍ ମଏଫଜାଏ ବର୍ ମୁସ୍ତଫା ।** ଅର୍ଥାତ ଭକ୍ତି ପବିତ୍ରତା ଓ ଧର୍ମ ପରାୟଣତା ଏବଂ ସତ୍ୟତା ପାଇଁ ନିଶ୍ଚିତ ଚେଷ୍ଟା କର କିନ୍ତୁ ତୁମେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ନିର୍ଦ୍ଦେଶିତ ମାର୍ଗର ସୀମା ଲଂଘନ କରନାହିଁ । ଆଁ ହଜ୍‌ରତ୍ ସ:ଆ:ସଙ୍କର ମାର୍ଗକୁ କେବେ ହେଲେ ପରିତ୍ୟାଗ କରନାହିଁ । ମୁଁ ଦେଖୁଅଛି ଯେ ଲୋକମାନେ ନାନାପ୍ରକାର ଓ୍ୱଜିଫା ଅର୍ଥାତ କର୍ମକାଣ୍ଡ କରିନେଉଛନ୍ତି ସେମାନେ ଓଲଟା ସିଧା ଲଟକୁଛନ୍ତି ଏବଂ ଯୋଗୀମାନଙ୍କ ପରି ସାଧୁସନ୍ଥ ପରି ଚାଲିଚଳନ ଆପଣାଉଛନ୍ତି କିନ୍ତୁ ତାହା ସବୁ ନିରର୍ଥକ । ଅମ୍ବିୟାମାନଙ୍କର ଏହି କଥା ଓ ପରମ୍ପରା ନୁହେଁ ଯେ ସେମାନେ ଲୋକମାନଙ୍କୁ ଓଲଟା ସିଧା କିମ୍ବା ନାସ୍ତି ଓ ଆସ୍ତିବାଦିର ଆଲୋଚନା କରିବେ ବା ଅର୍‌ରାଃ କରିବାର ଶିକ୍ଷା ଦେବେ । ଅଲ୍ଲାଃ ତାଲା ହଜୁର ସ:ଆ:ସଙ୍କୁ ଏଥିପାଇଁ ଉସ୍‌ଓ୍ୱାଏ ହସନା ବୋଲି ବିବେଚିତ କଲେ । ଅଲ୍ଲାଃ ତାଲ କୁହନ୍ତି ଯେ, **ଲକୁମ୍ ଫି ରସୁଲିଲ୍ଲାହି ଉସ୍‌ଓ୍ୱତୁନ୍ ହସ୍‌ନା** ଅର୍ଥାତ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ ଦିବସର ସାକ୍ଷାତ ବିଷୟରେ ଆଶାପୋଷଣ କରିବସିଛନ୍ତି ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରୁଛନ୍ତି । ଅଲ୍ଲାଃଙ୍କ ରସୁଲ୍‌ଠାରେ ଉତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଛି ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ବିଧେୟ । ହଜୁର ସ:ଆ:ସଙ୍କ ପଦାଙ୍କ ଅନୁସରଣ କର ଏବଂ ସେଥିରୁ ତିଳେମାତ୍ର ଏପଟ ସେପଟ ହେବାକୁ ଚେଷ୍ଟା କରନାହିଁ" ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୫୬ ଏଡ଼ିଶନ୍- ୧୯୮୪)*

ପୁନଶ୍ଚ ହଜୁର ଆ:ସ କୁହନ୍ତି ଯେ, "ମୁନଅମ୍ ଅଲୈହିମ୍ ଦଳରେ ଯେଉଁ ଚମତ୍କାର ରହିଛି ଏବଂ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍‌ରେ ଯାହା ଆଡ଼କୁ ଅଲ୍ଲାଃ ତାଲା ଇଙ୍ଗିତ କରିଛନ୍ତି ସେଗୁଡ଼ିକୁ ପ୍ରାପ୍ତ କରିବା ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ହେବା ଉଚିତ ଏବଂ ଆମ ଯମାତ୍‌କୁ ବିଶେଷରୂପେ ଏଥିପ୍ରତି ଧ୍ୟାନ ଦେବା ଉଚିତ କାରଣ ଅଲ୍ଲାଃ ତାଲା ଏହି ସମ୍ପ୍ରଦାୟର ସ୍ଥାପନ କରିବାର ଏହି ଅଭିପ୍ରାୟ ରହିଛି ଯେ ସେ ଏଭଳି ଏକ ସମ୍ପ୍ରଦାୟ ଗଠନ କରନ୍ତୁ ଯେଉଁଭଳି ସମ୍ପ୍ରଦାୟ ହଜୁର ସ:ଆ:ସ ଗଠନ କରିଥିଲେ କାରଣ ଏହି ଯମାତ୍ କୋରାନ୍ ଶିରଫ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ସତ୍ୟତା ଓ ଶ୍ରେଷ୍ଠତା ସାବ୍ୟସ୍ତ କରିବା ନିମନ୍ତେ ସାକ୍ଷି ହେଉ" ।।

*(ମଲ୍‌ଫୁଜାତ୍, ଖଣ୍ଡ-୧, ପଅ-୩୫୬ ଏଡ଼ିଶନ୍- ୧୯୮୪)*

ଅତଃ ଆମମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତକୁ ଆସି ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଅନୁକରଣକାରୀଙ୍କ ମଧ୍ୟରେ ସାମିଲ ହୋଇଅଛେ ଏବଂ ତହିଁରେ ଆମର ସ୍ଥାୟିତ୍ୱ ରହିଛି କାରଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ସତ୍ୟ ଦାସଙ୍କ ବୟତରେ ନିଜକୁ ପ୍ରବେଶ କରି ହଜୁର ସ:ଆ:ସଙ୍କର ପ୍ରକୃତ ଅନୁଯାୟୀମାନଙ୍କ ମଧ୍ୟରେ ନିଜକୁ ସାମିଲ କରିପାରିବା ଏବଂ ତାଙ୍କ ଉସ୍‌ଆଏ ହସ୍‌ନାକୁ ନିଜର ସାମର୍ଥ୍ୟ ଅନୁଯାୟୀ ଆପଣାଇବା ପାଇଁ ଚେଷ୍ଟା କରିବା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉସ୍‌ଆଏ ହସ୍‌ନା ଏବଂ ଆପଣଙ୍କର ଆଦର୍ଶ ତଥା ଆଦେଶ ଉପରେ ଅନୁକରଣ କରିବା ମୁନମ୍ ଆଲୈହିମ୍ ଦଳ ମଧ୍ୟରେ ସାମିଲ ହୋଇ ଏବଂ ସେହି ଦଳର କୁପ୍ରଭାବରୁ ସର୍ବଦା ସୁରକ୍ଷିତ ରହିବା ଯିଏ ଅଲ୍ଲାଃ ତାଲାଙ୍କ କୋପର ଶୀକାର ଅଟନ୍ତି ଓ ପଥଭ୍ରଷ୍ଟକାରୀ ବ୍ୟକ୍ତି ଅଟନ୍ତି । ଆପଣମାନେ ନିଜ ନମାଜରେ ବିଶେଷ ରୁଚି ଉତ୍ପନ୍ନ କରନ୍ତୁ । ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲଙ୍କ ଆଦେଶ ଉପରେ ପରିଚାଳିତ ହୋଇ ସର୍ବଦା ନିଜ ଜୀବନକୁ ଅତିବାହିତ କରନ୍ତୁ ।

ଅସିରାନେ ରାହେ ମୌଲାଙ୍କ ପାଇଁ ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ ଯିଏ କାରାବରଣ ଭୋଗ କରୁଛନ୍ତି । ତାଙ୍କ ପାଇଁ ଦୁଆ କରନ୍ତୁ ଏବଂ ସେମାନଙ୍କ ଉପରେ ଯେଉଁଭଳି ଅନ୍ୟାୟ ଭାବରେ ଅତ୍ୟନ୍ତ କଠୋର ଓ କୃର ଦଫା ଲଗାଯାଇଛି, ମୋକଦ୍ଦମା କରାଯାଇଛି । ସେମାନଙ୍କ ମୁକ୍ତିପାଇଁ ଦୁଆ କାମନା କରନ୍ତୁ । ବିଗତ ଦିନ ଜଣେ ଅହେମଦୀ ମହିଳା ରମ୍‌ଜାନ ବିବିଙ୍କୁ ଏହିପରି ଏକ ମିଥ୍ୟା ଅପରାଧରେ ଦୋଷରେ ଦଫା ଲଗାଇ ଜେଲ୍‌ରେ ବନ୍ଦୀ କରିଦିଆଯାଇଛି । ତାଙ୍କ ପରିବାର ପ୍ରାୟ ୨୦୨୦ ମସିହାରେ ବୟତ କରିଥିଲା । ତାଙ୍କର ସ୍ୱାମୀ ମତେ ପତ୍ର ଲେଖିଲେ କି ଆମେମାନେ ତ୍ୟାଗ କରିବାକୁ ଭୟ କରୁନାହୁଁ ନା ହିଁ ଆମକୁ ଜେଲ୍‌ରେ ଥିବା ଯୋଗୁଁ କୌଣସି ଦୁଃଖ ରହିଛି । ମୋ ପତ୍ନୀଙ୍କୁ ଓ ମତେ ଯେଉଁ କଥାର ଦୁଃଖ ଓ କ୍ଷୋଭ ରହିଛି ତାହା ଏହିକି ଯେ, ଯେଉଁ ରସୁଲ୍ ସ:ଆ:ସଙ୍କ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିବାପାଇଁ ଆମେମାନେ ନିଜ ଜୀବନ ଦେବାକୁ ପ୍ରସ୍ତୁତ ଅଛୁ ଆମ ଉପରେ ତାଙ୍କର ହିଁ ତୌହିନ୍ ଅର୍ଥାତ ଲାଞ୍ଛନାର ଅପରାଧର ଦଫା ଲଗାଯାଇଛି ଆମକୁ କେବଳ ଏହାର ବ୍ୟଥା ରହିଛି । ତେଣୁ ରମ୍‌ଜାନ ବିବି ଓ ଆସିରାନେ ରାହେ ମୌଲାଙ୍କୁ ଏବଂ ଯେଉଁମାନଙ୍କ ଉପରେ ଏଭଳି ସଙ୍ଗିନ ଆରୋପ ଲଗାଯାଇଛି ଓ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଛି । ସେମାନଙ୍କୁ ସର୍ବଦା ନିଜ ଦୁଆରେ ସ୍ମରଣ ରଖନ୍ତୁ । ଅଲ୍ଲାଃ ତାଲା ଏହି ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ ପାଇଁ କୌଣସି ମାର୍ଗ ଉତ୍ପନ୍ନ କରନ୍ତୁ ଏବଂ ନିଜ କୃପା ଅବତୀର୍ଣ୍ଣ କରନ୍ତୁ । ନ୍ୟାୟାଳୟ ଓ ସରକାରଙ୍କୁ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ ସେମାନେ ନ୍ୟାୟ ଆଚରଣ କରନ୍ତୁ । ଏମାନେ ଅଲ୍ଲାଃ ଓ ରସୁଲଙ୍କ ନାମ ତ ତୁଣ୍ଡରେ ଧରନ୍ତି ସେମାନଙ୍କ ହୃଦୟରେ ପ୍ରକୃତ ଭୟ ଓ ରସୁଲଙ୍କ ପ୍ରକୃତ ପ୍ରେମଜାତ ହେବାପାଇଁ ଅଲ୍ଲାଃ ତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଉସ୍ୱୱା ଉପରେ ପରିଚାଳିତ ହୁଅନ୍ତୁ ।

ଏହା ବ୍ୟତିତ ମଧ୍ୟ ମୁଁ କେତେକ ଦୁଆ ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଅଲ୍ଲାଃ ତାଲାଙ୍କ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ ଆମେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପ୍ରେରଣର ଉଦ୍ଦେଶ୍ୟକୁ ଚିହ୍ନିପାରୁ । ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲଙ୍କ ପ୍ରେମ ଅନ୍ୟ ସମସ୍ତ ପ୍ରେମ ଉପରେ ପ୍ରାଧାନ୍ୟ ବିସ୍ତାର କରୁ । ଆମେମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ଅନୁସରଣକାରୀରୂପେ ବିବେଚିତ ହୁଅନ୍ତୁ । ଆମମାନଙ୍କର ଘରଗୁଡ଼ିକରେ ପ୍ରେମ ସୌହାର୍ଦ୍ଦ୍ୟପୁର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ଏକ ଆଦର୍ଶରେ ପରିଣତ ହେଉ । ଯେଉଁ ପିଲାମାନଙ୍କର ଅଭିଭାବକମାନେ ପାରସ୍ପରିକ କଳହ ଯୋଗୁଁ ଚିନ୍ତିତ ଅଲ୍ଲାଃ ତାଲା ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଦୁର କରନ୍ତୁ । ସମସ୍ତ ଓ୍ୱାକିଫେ ଜିନ୍ଦେଗୀଙ୍କ ପାଇଁ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ନିଃସ୍ୱାର୍ଥପର ହୋଇ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ଧର୍ମ ସେବା କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେମାନେ ନିଜ ଓ୍ୱକ୍‌ଫକୁ ପୂରଣ କରନ୍ତୁ । ଓ୍ୱକ୍‌ଫେ ନୌଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କୁ ନିଜର ଓ ନିଜ ମାଆ ବାପାଙ୍କ ଶପଥକୁ ପୂରଣ କରିବାପାଇଁ ଶକ୍ତିପ୍ରଦାନ କରନ୍ତୁ । ଅହେମଦୀୟତ ପାଇଁ ଶହୀଦ ହୋଇଥିବା ଅହେମଦୀମାନେ ଓ ତାଙ୍କ ପରିବାର ପାଇଁ ଦୁଆ କରନ୍ତୁ । ଅସୁବିଧାରେ ପଡ଼ିରହିଥିବା ସମସ୍ତ ଅହେମଦୀମାନଙ୍କ ପାଇଁ ଦୁଆ କରନ୍ତୁ । ପରସ୍ପର ପାଇଁ ଦୁଆ କରିବେ ଓ ନିଜ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃ ତାଲାଙ୍କ ଦ୍ୱାରା ଉଲ୍ଲେଖିତ ଦୁଆ ଗୁଡ଼ିକ ଯାହାଙ୍କ କୃପା ପ୍ରାପ୍ତକାରୀ ହେବାପାଇଁ ସାମର୍ଥ୍ୟ ପ୍ରଦାନ କରିଥାଏ । ଯୁବତୀମାନଙ୍କ ନିର୍ବନ୍ଧ ପାଇଁ ଦୁଆ କରିବେ ବିଶେଷ କରି ସେଇ ଯୁବତୀମାନଙ୍କ ପାଇଁ ଯେଉଁ ଯୁବତୀମାନଙ୍କ ନିର୍ବନ୍ଧରେ ଅଯଥା ବିଳମ୍ବ ଓ ସମୟ ଗଡି ଚାଲିଛି । ଏହି କରୋନା ପରିସ୍ଥିତିରେ ଏବଂ ଏହାପରେ ସଂସାରରେ ଯେଉଁ ଗତିପଥ ସୃଷ୍ଟି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଲ୍ଲାଃ ତାଲା ଆପଣଙ୍କୁ ସ୍ୱାସ୍ଥ ପ୍ରଦା କରନ୍ତୁ ଓ ଆପଣଙ୍କ ବୟସରେ ବୃଦ୍ଧି କରାନ୍ତୁ ଓ ନିଜ ଜାତିପାଇଁ ଥିବା ଦୁଆଗୁଡ଼ିକ ମଧ୍ୟ କବୁଲ୍ କରନ୍ତୁ ।

ଆଉ ଜଣେ ଅଣଯମାତିୟ ଯୁବକ ହେଉଛନ୍ତି ଫାଇକ ସାହେବ୍ ସେ ଓକିଲାତି ବିଦ୍ୟା ହାସଲ କରିଛନ୍ତି । ଏ ବର୍ଷ ସେ ପ୍ରଥମ ଥର ପାଇଁ ନିଜ ଭାଇଙ୍କ ସହିତ ଜଲ୍ସାରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ଏପରି ପ୍ରକାଶ କରୁଛନ୍ତି ଯେ, ଆପଣଙ୍କ ଖଲିଫା କୌଣସି ମାମୁଲି ବ୍ୟକ୍ତି ନୁହନ୍ତି ତାଙ୍କ ଚାଲିବା ଶୈଳୀ ଓ ତାଙ୍କ ବାର୍ତାଳାପରେ ବିଶେଷ ଭେଦ ରହିଛି । ତାହା ସବୁ ଦେଖି ଲାଗୁଛି ଯେ, ତାଙ୍କର ଜ୍ଞାନ ଏବଂ ଦୁରଦୃଷ୍ଟି ଆମ ଭଳି ସାଧାରଣ ମଣିଷଙ୍କଠାରୁ ଢ଼େର୍ ଅଧିକ । ମୁଁ ଦୃଢ଼ ବିଶ୍ୱାସର ସହିତ କହିପାରେ ଯେ, ଯେଉଁ କଥା ସବୁ ଆମକୁ ଦେଖାଯାଉନାହିଁ ସେ ସବୁର ଜ୍ଞାନ ତାଙ୍କୁ ଦିଆଯାଇଅଛି । ତାଙ୍କ ଚେହେରାରେ ଏକ ଜ୍ୟୋତି ରହିଛି ଯାହା ସ୍ୱଷ୍ଟରୂପେ ବାରି ହୋଇଯାଉଅଛି ।

ଗୋଟିଏ ପିଲା ଚୌକି ଉପରେ ବସିଥିଲା । ହଜୁର ଅନଓ୍ୱର ଅ:ବ:ଅ ତାକୁ ବହୁତ ସ୍ନେହର ସହିତ କହିଲେ, ତୁମେ ବହୁତ ଲମ୍ବା ପିଲାଟି କହିଲା ଯେ, ମୁଁ ଜଣେ ଭଲ ଅହେମଦୀ ପିଲା ହେବାପାଇଁ ଚାହୁଁଅଛି ତେଣୁ ମୋ ପାଇଁ ଦୁଆ କରନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା ଆପଣଙ୍କୁ ଭଲ ଅହେମଦୀ ବନାନ୍ତୁ, ସେବାକାରୀ ହୁଅନ୍ତୁ, ଅହେମଦୀୟତର ବାର୍ତାକୁ ନିଜ କୌମ୍‌ରେ ପ୍ରସାର କରିବାବାଲା ହୁଅନ୍ତୁ । ପିଲାଟି କହିଲା ଯେ, ମୁଁ ହଜୁରଙ୍କୁ ବହୁତ ଭଲ ପାଉଅଛି ।

ବୋଶ୍‌ନିଆର ଏହି ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ସାକ୍ଷାତକାର ୬:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଓ ଶେଷରେ ସମସ୍ତ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ଓ ହାତ ମିଳାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

**ମାସିଡୋନିଆ ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର**

ଏହାପରେ ମାସିଡ଼ୋନିଆ ଦେଶରୁ ଆସିଥିବା ପ୍ରତିନିଧିମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ମାସିଡ଼ୋନିଆରୁ ଅହେମଦୀ, ଗୈର୍ ଅହେମଦୀ ଏବଂ ଇସାଇମାନଙ୍କ ବିଶିଷ୍ଟ ୭୦ ଜଣ ପ୍ରତିନିଧିମଣ୍ଡଳ ଜଲ୍ସା ସାଲାନା ଜର୍ମାନୀରେ ଯୋଗ ଦେଇଥିଲା ।

ଏହି ଓ୍ୱଫଦ୍‌ରେ ୮ଜଣ ପତ୍ରକାର ମଧ୍ୟ ସାମିଲ ଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ସ୍ଥାନିୟ ଟିଭି ପ୍ରତିନିଧି ଓ ଅନ୍ୟ ଛଅଜଣ ଜାତୀୟ ଟିଭି ଓ ଅନ୍ୟାନ୍ୟ ନ୍ୟୁଜ୍ ଏଜେନ୍ସି ସହିତ ଜଡ଼ିତ ଥିଲେ । ଏହି ପତ୍ରକାରମାନେ ଶୁକ୍ରବାର ଦିନ ହଜୁର ଅନଓ୍ୱର ଅ:ବ:ଅଙ୍କ ପ୍ରେସ କନ୍‌ଫରେନ୍ସରେ ଯୋଗ ଦେଲେ ଓ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପ୍ରଶ୍ନ ପଚାରିଥିଲେ । ଏତଦବ୍ୟତିତ ଜଲ୍ସା ଚାଲିଥିବା ସମୟରେ କେତେଗୁଡ଼ିଏ ଇଂଟରଭ୍ୟୁ କରିଛନ୍ତି ଓ ସେଗୁଡ଼ିକର ରେକଡ଼ିଙ୍ଗ ମଧ୍ୟ କରିଛନ୍ତି ।

ପତ୍ରକାରମାନଙ୍କ ବ୍ୟତିତ ଏହି ଓ୍ୱଫଦ୍‌ରେ ୧୫ଜଣ ଇସାଇ ବନ୍ଧୁ, ୨୩ଜଣ ଗୈର୍ ଅହେମଦୀ ମୁସଲମାନ ଏବଂ ୨୪ ଜଣ ଅହେମଦୀ ମୁସଲମାନ ସାମିଲ ଥିଲେ । କେତେକ ଅତିଥି ପ୍ରଥମଥର ଏଥିରେ ଯୋଗ ଦେଇଛନ୍ତି ।

ଅଣଯମାତିୟ ଅତିଥିମାନଙ୍କ ମଧ୍ୟରୁ ୫ଜଣ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ଅଧିକାଂଶ ଲୋକେ ଜଲ୍ସା ସାଲାନାରେ ସାମିଲ ହୋଇଥିବା ଯୋଗୁଁ, ବ୍ୟବସ୍ଥାଗୁଡ଼ିକୁ ଦେଖି, ଭାଷଣଗୁଡ଼ିକୁ ଶୁଣି, ଆବାସିକ ସ୍ଥଳିର ସୁବ୍ୟବସ୍ଥାକୁ ଦେଖି ଓ ଖାଦ୍ୟ ଇତ୍ୟାଦି ପରିବେଷଣର ବହୁତ ପ୍ରଶଂସା କଲେ । ଅତିଥିମାନଙ୍କୁ ବିଶେଷରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଗୁଡ଼ିକ ବହୁତ ପସନ୍ଦ ଲାଗିଲା ଓ ସେମାନେ ଏକଥାକୁ ପ୍ରକାଶ ମଧ୍ୟ କଲେ ଯେ, ହଜୁର ବହୁତ ସାଧା ଏବଂ ସରଳ ଭାଷାରେ ଭାଷଣ ଦେଉଛନ୍ତି ଯାହା ମନ ଉପରେ ବହୁତ ପ୍ରଭାବ ପକାଉଛି ।

ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ ଯେ, ଯେଉଁ ଯୁବକ ଜଣକ ନଜମ୍ ପାଠ କରୁଥିଲେ ସେ କଣ ଏବର୍ଷ ଆସିନାହାନ୍ତି ? ଏଥିରେ ମୁରବୀ ସିଲ୍‌ସିଲା କହିଲେ ଯେ, ତାଙ୍କୁ ଏଥରକ ଛୁଟି ମିଳିପାରିଲା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ ସାକ୍ଷାତ କରିବା ସମୟରେ ଗୋଟିଏ ପିଲାର ଆମିନ୍ କରାଇଲେ ଓ ସେହି ପିଲାଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଆୟତ ଶୁଣିଲେ ଓ ତା’ପରେ ଦୁଆ କରାଇଲେ ।

ଆଉଜଣେ ବନ୍ଧୁ ରମ୍‌ଜାନ୍ ସାହେବ ଛିଡ଼ା ହୋଇ ବତାଇଲେ ଯେ, ମୁଁ ୧୯୯୩ ମସିହାରୁ ଅହେମଦୀ ହୋଇଛି । ମୁଁ କୌଣସି ପ୍ରଶ୍ନ ପଚାରିବାକୁ ଛିଡ଼ା ହୋଇନାହିଁ, ମୁଁ କେବଳ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସଲାମ୍ ପହଂଚାଇବା ପାଇଁ ଛିଡ଼ା ହୋଇଛି ।

ଆଉ ଜଣେ ବନ୍ଧୁ କହିଲେ ଯେ, ମୁଁ ଗତବର୍ଷ ଖାଇବା ପିଇବା ସମ୍ବନ୍ଧରେ କଥା ହୋଇଥିଲି । ଏ ବର୍ଷ ଖାଦ୍ୟ ବହୁତ ଭଲ ଥିଲା । ବଲ୍‌କାନ୍ ର ଲୋକମାନଙ୍କ ଦୃଷ୍ଟିକୋଣରୁ ଖାଦ୍ୟ ବହୁତ ଭଲ ଥିଲା ।

ଓ୍ୱଫଦ୍‌ର ଜଣେ ମହିଳା ଆଲେକ୍‌ଜାଣ୍ଡ୍ରା ଡୋନେଭା ସାହେବା ଜଲ୍ସା ସାଲାନା ଜର୍ମାନୀରେ ପ୍ରଥମ ଥର ପାଇଁ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଘରଲୋକ ବିନା ଘରର ଅବସ୍ଥା କିପରି ହୋଇଥାଏ ସେହିପରି ଚରିତ୍ର ବିନା ମଣିଷର ଅବସ୍ଥା ହୋଇଥାଏ । ମଣିଷର ବାସ୍ତବିକତା ଧର୍ମ ଏବଂ ଆସ୍ଥା ବିନା କିଛି ନାହିଁ ଏବଂ ପ୍ରେମ ଓ ଭଲ ପାଇବା ବିନା ମଣିଷର କଣ କଳ୍ପନା କରାଯାଇପାରେ । ମଣିଷ ଆତ୍ମାର ପବିତ୍ରତା ଏବଂ ଶାନ୍ତିରେ ରହିବା ଦ୍ୱାରା ଓ ଶାନ୍ତିକୁ ସ୍ଥାପନ କରିବା ଦ୍ୱାରା ହାସଲ ହୋଇଥାଏ । ସେହିଭଳି ଆତ୍ମାର ପବିତ୍ରତା ଭାଇଚାରା ଆପୋଷ ସମ୍ମାନଭାବ ଏବଂ ସହିଷ୍ଣୁତା ଭିତରେ ହିଁ ନିହିତ ଅଛି । ମଣିଷ ପାଇଁ ଏହା ଜରୁରୀ ଅଟେ ଯେ ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁ ଓ ପୃଥିବୀରେ ତା ଭବିଷ୍ୟତକୁ ଉତମରୂପେ ଗଢ଼ିତୋଲୁ ଏହା ହେଉଛି ଏପରି ଏକ ମାର୍ଗ ଯାହା ଦ୍ୱାରା ଆମେ ମାନବିକତାର ସୁରକ୍ଷା କରିପାରିବା । ଯମାତ୍ ଅହେମଦୀୟା ଏହି ସମସ୍ତ କାର୍ଯ୍ୟକୁ ସମ୍ପାଦନ କରୁଅଛି । ଅହେମଦୀମାନେ ଶାନ୍ତିର ପ୍ରଚାର କରୁଛନ୍ତି ଏବଂ ସୁରକ୍ଷାର ଶିକ୍ଷା ଦେଉଛନ୍ତି । ସେମାନେ ଚରିତ୍ରକୁ କାୟମ କରୁଛନ୍ତି ଏବଂ ଏ ଚେଷ୍ଟା କରୁଛନ୍ତି ଯେ, ମାନବ ସମାଜ ଏହି ସମସ୍ତ କଥା ଉପରେ ପରିଚାଳିତ ହେଉ । ଅହେମଦୀୟତ ଲୋକମାନଙ୍କୁ ଗୋଟିଏ ସ୍ଥାନରେ ଏକାଠି କରୁଅଛି । ସେମାନଙ୍କୁ ଉପାସନାର ସ୍ୱାଦ ଚଖାଉଛି । ଅହେମଦୀୟତ ଏହା ଚାହୁଁଛି ଯେ, ଲୋକମାନେ ଆଧାତ୍ମିକ ଉପରେ ଗଢ଼ନ୍ତୁ । ସେମାନଙ୍କ ମଧ୍ୟରେ ଏକତା ସ୍ଥାପନ ହେଉ ଓ ସେମାନେ ଖୁଦାଙ୍କ ନିକଟତର ହୁଅନ୍ତୁ । ଏ ବର୍ଷ ଜଲ୍ସା ସାଲାନାରେ ମୁଁ ବହୁତ ଭଲ ଭଲ ଲୋକଙ୍କୁ ଦେଖିବାକୁ ପାଇଲି, ହସ ହସ ଚେହେରା ସହିତ ସେମାନେ ଆମକୁ ବହୁତ ସମ୍ମାନ ଦେଉଥିଲେ । ସେମାନଙ୍କୁ ଏକଥାରେ ବିଶ୍ୱାସ ଅଛି ଯେ, ଉତମ ଚରିତ୍ର ସହିତ ଏକ ସୁନ୍ଦର ଜୀବନ ବିତାଯାଇପାରେ ।

ମୁଁ କୃତଜ୍ଞତାର ସହିତ ଏକଥାର ସାକ୍ଷୀ ଦେଉଅଛି ଯେ, ମୁଁ ଏପରି ଲୋକମାନଙ୍କୁ ଏଠାରେ ଦେଖିଛି । ଯେଉଁମାନଙ୍କର ଈଶ୍ୱରଙ୍କ ଉପରେ ବିଶ୍ୱାସ ଏବଂ ଆସ୍ଥା ବହୁତ ମଜ୍‌ଭୂତ୍ ରହିଛି । ମୋ ଆଶା ଅଛି ଯେ, ଆପଣ ଏହି ପୂଣ୍ୟକାର୍ଯ୍ୟକୁ ଜାରି ରଖିବେ । ଏହି ସିଲ୍‌ସିଲାରେ ଅଧିକ ଧ୍ୟାନ ଦେବେ ଓ ଭଲ ପାଇବାକୁ ଜାରି ରଖିବେ ଓ ପୁଣି ଏମିତି ଏକ ସମୟ ଆସିବ ଯେ ଲୋକମାନେ ଏକଥା ଜାଣିନେବେ ଯେ, ଜୀବନର ଅସଲ ଉଦ୍ଦେଶ୍ୟ ଓ ଭାଲ୍ୟୁ କଣ ।

ପ୍ରେମ ବିନା ମଣିଷ କିଛି ନୁହେଁ ଏହା ଏପରି ଏକ ଶୂନ୍ୟସ୍ଥାନ ଯାହାକୁ କେବେ ପୂରଣ କରାଯାଇପାରେନା । ମୁଁ ଆଶା କରୁଛି ଯେ ଆପଣମାନେ ଆଗକୁ ଆଗକୁ ବଢ଼ିବେ ଓ ପରିଶ୍ରମ କରି ଏହି ଶୂନ୍ୟସ୍ଥାନକୁ ପୂରଣ କରିବେ ଏବଂ ଧର୍ମୀୟ ଭାବନାକୁ ପ୍ରଚାର ପ୍ରସାର କରିବାପାଇଁ ଅଧିକରୁ ଅଧିକ ଭାଗ ନେବେ ।

ମେସିଡ଼ୋନିଆ ଓ୍ୱଫଦ୍‌ରେ ସାମିଲ ଥିବା ଜଣେ ଟିଭିର ପତ୍ରକାର Zoranco Zorinski ସାହେବ ଦ୍ୱିତୀୟଥର ପାଇଁ ଜଲ୍ସା ସାଲାନା ଜର୍ମାନୀରେ ସାମିଲ ହୋଇଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଏହି ଜଲ୍ସାରେ ସାମିଲ ହେବା ମୋ ପାଇଁ ବହୁତ ବଡ଼ ସମ୍ମାନର କଥା । ଜଲ୍ସାର ସବୁ ବ୍ୟବସ୍ଥା ବହୁତ ଉଚ୍ଚକୋଟିର ଥିଲ । ମୁଁ ଗତବର୍ଷ ମଧ୍ୟ ଏଠାକୁ ଆସିଥିଲି । ମୋ ମତରେ ଜଲ୍ସାର ବ୍ୟବସ୍ଥା ପଛ ବର୍ଷ ତୁଳନାରେ ବହୁତ ଭଲ ଥିଲା । ବହୁତ ନୂଆ ବନ୍ଧୁମାନଙ୍କ ସହିତ ମୋର ପରିଚୟ ହେଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଦ୍ୱାରା ମୁଁ ବିଶେଷରୂପେ ଆନନ୍ଦ

**ହଦିସ୍ ନବଓ୍ୱି ସ:ଆ:ସ**

‘‘ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ’’

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।’’

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।’’

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ଉଠାଇଛି । ତାଙ୍କର ପ୍ରତ୍ୟେକ ବାକ୍ୟ ମାନବତା ପାଇଁ ଏକ ଶିକ୍ଷା ଥିଲା ତାଙ୍କର ବାର୍ତ୍ତା ହେଉଛି ବିଶ୍ୱ ବାର୍ତ୍ତା ଅର୍ଥାତ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ । ଏହି ବାର୍ତ୍ତା ଆଜି ସମଗ୍ର ମାନବଜାତି ପାଇଁ ଜରୁରୀ ଅଟେ । ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ଏବଂ ସମଗ୍ର ମାନବ ଜାତିକୁ ସାହାଯ୍ୟ କରିବା ହେଉଛି ଏପରି କାମ ଯାହା ଲୋକମାନଙ୍କ ମଧ୍ୟରେ ଥିବା ବିଭେଦକୁ ଦୂର କରିପାରିବ । ଯମାତ୍ ଅହେମଦୀୟା ଲୋକମାନଙ୍କୁ ସକାରାତ୍ମକ କଥା ଶିଖାଇଥାଏ । ହଜୁର ଅନଓ୍ୱର ଅ:ବ:ଅ ପ୍ରେସ କନ୍‌ଫରେନ୍ସରେ ପତ୍ରକାରମାନଙ୍କୁ ଯେଉଁ ଉତର ଦେଇଛନ୍ତି ତାହା ମାନବଜାତିର ବୁନିଆଦି ସମ୍ମାନକୁ ପରିପ୍ରକାଶ କରୁଥିଲା । ମୋର ଏ ବିଶ୍ୱାସ ଅଛି ଯେ, ମୁଁ ଦିନେ ହଜୁରଙ୍କ ସହିତ ଇଂଟରଭ୍ୟୁ ନେବାର ସୌଭାଗ୍ୟ ପ୍ରାପ୍ତ କରିବି । ହଜୁର ଯମାତ୍ ଅହେମଦୀୟାର ମୁଖିଆ କିନ୍ତୁ ସବୁଠାରୁ ବଳି ସେ ହେଉଛନ୍ତି ଏପରି ବ୍ୟକ୍ତିବିଶେଷ ଯେ ପ୍ରତ୍ୟେକଙ୍କୁ ବୁଝୁଛନ୍ତି ଏବଂ ଭଲ ଭଲ ଉପଦେଶ ଦେଉଛନ୍ତି । ମୋର ଏ ଆଶା ଅଛି ଯେ, ଆହୁରି ଅଧିକ ଲୋକ ଅହେମଦୀୟତକୁ ଗ୍ରହଣ କରିବେ ଯେଉଁମାନେ ମାନବଜାତିର ଉନ୍ନତି ପାଇଁ କାମ କରିବେ ।

Vojo Manevski ସାହେବ ଏହି ଜଲ୍‌ସାରେ ଦ୍ୱିତୀୟଥର ପାଇଁ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ମୁଁ ବହୁତ ଗଭୀରକୁ ଯାଇ ଅହେମଦୀ ମୁସଲମାନମାନଙ୍କ ବାର୍ତ୍ତାକୁ ବୁଝିଛି । ଜଣେ ପତ୍ରକାର ହିସାବରେ ମୁଁ ବିଭିନ୍ନ ଧର୍ମରେ ଥିବା ଏକପ୍ରକାରର ଶିକ୍ଷାର ନିରୀକ୍ଷଣ କରିଛି । ଧର୍ମର ମୂଳଦୁଆ ହେଉଛି ଅଲ୍ଲାଃ ତାଲାଙ୍କୁ ପ୍ରେମ କରିବା ଓ ମାନବ ସମାଜକୁ ଭଲ ପାଇବା ଉପରେ ଆଧାରିତ । ଏହା ହେଉଛି ଏପରି ଏକ ବାର୍ତ୍ତା ଯାହା ଆଜିକାର ସମୟରେ ବହୁତ ଆବଶ୍ୟକ । ଆଜିକାଲି ପୃଥିବୀରେ ବହୁତଗୁଡ଼ିଏ ସମସ୍ୟାର ସମାଧାନ, ଯାହା ଦୁନିଆକୁ ଭୀଷଣ ଭାବେ ବ୍ୟତିବ୍ୟସ୍ତ କରିପକାଇଛି, ଏହି ପ୍ରେମପୂର୍ଣ୍ଣ ବାର୍ତ୍ତାରେ ରହିଛି । ଆଜି ୟୁରୋପର ବହୁତ ବଡ଼ ସମସ୍ୟା ହେଉଛି, ଦକ୍ଷିଣପନ୍ଥୀ ରାଜନେତାମାନଙ୍କର ଶକ୍ତିରେ ବୃଦ୍ଧି ଘଟିବା । ଯାହାର ସମାଧାନ କେବଳ ଆପୋଷରେ ବାର୍ତ୍ତାଳାପ ଦ୍ୱାରା ହିଁ ସମ୍ଭବ ହେବ । ଯାହା ବିଭିନ୍ନ ଧର୍ମ, କଲଚର୍ ଏବଂ ସଭ୍ୟତା ମଧ୍ୟରେ ଅନୁଷ୍ଠିତ ହେବ । ଯଦି ଆମେ ଖୁଦାଙ୍କୁ ଖୋଜିବା ତେବେ ଆମେ ଜାଣିପାରିବା ଯେ, ଆମମାନଙ୍କ ମଧ୍ୟରେ ଆପୋଷରେ କିଛି ଅଧିକ ବ୍ୟବଧାନ ନାହିଁ । ମୁଁ ଖଲିଫତୁଲ୍ ମସିହିଲ୍‌ଙ୍କ ଏକଥାକୁ ମନେ ରଖିବି ଯେ, ଆଜି ଦୁନିଆରେ ଯେଉଁ ସବୁ ପୁସ୍ତକଗୁଡ଼ିକ ମହତ୍ତ୍ୱ ଅଛି ତାହା ଏକ କାଚ ସଦୃଶ ଯାହା ସମୟ ଅତିବାହିତ ହେବା ଯୋଗୁଁ ମଳିନ ପଡ଼ିଯାଇଛି ଓ ଲୋକମାନଙ୍କ କର୍ମ ଯୋଗୁଁ ଏହି ସବୁ ଶିକ୍ଷା କମ୍ ଦେଖାଯାଉଛି । ସମସ୍ତ ଐଶ୍ୱରିକ ପୁସ୍ତକଗୁଡ଼ିକର ବାଖ୍ୟା ଠିକ୍ ହେବା ଉଚିତ । କାରଣ ଅଲ୍ଲାଃ ତାଲାଙ୍କ ବାଣୀ ଏବଂ ବାକ୍ୟର ବ୍ୟାଖ୍ୟା ଲୋକମାନଙ୍କ ଆବଶ୍ୟକତା ମୁତାବକ ହେବା ଠିକ୍ ହେବ ନାହିଁ । ବରଂ ସବୁ ସମୟରେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହୁଅ । ଏପରି ନ ହେଉ କି ଆଜି ମୋମିନ୍ ହୋଇଯିବ ଓ କାଲି କାଫିର (ଅମାନ୍ୟକାରୀ) ।

ଆମେ ଯେତେମାତ୍ରାରେ ଖୁଦାଙ୍କଠାରୁ ଦୂରେଇ ରହିବା ସେତେମାତ୍ରାରେ ହିଁ ଆମେ ମାନବତା ଓ ଲୋକମାନଙ୍କଠାରୁ ଦୁରେଇ ରହିବା । ଭୌତିକ ବାଦର ଯୁଗ ଆଧାତ୍ମିକ ଜୀବନ ଓ ଆପୋଷରେ ଥିବା ସମ୍ପର୍କକୁ ଶେଷ କରୁଅଛି । ସେଥିଯୋଗୁଁ ଆମେ ନିଜ ପରିବାର ଓ ସାଙ୍ଗସାଥିମାନଙ୍କର ସୁରକ୍ଷା କରିବା ସମ୍ପର୍କ ଓ ସୁରକ୍ଷା କରିବା । ମୁଁ ଶେଷରେ ଯମାତ୍ ମେସିଡ଼ୋନିଆର କୃତଜ୍ଞ ଏବଂ ସମସ୍ତ ବନ୍ଧୁମାନଙ୍କ ନିକଟରେ କୃତଜ୍ଞ ଯେଉଁମାନେ ଏହି ଯମାତ୍‌ରେ ଅଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃ ତାଲା ସମସ୍ତ ମାନବଜାତିର ସୁରକ୍ଷା କରନ୍ତୁ ।

Ramiz Bajramouski ସାହେବ ପଚ୍ଚବର୍ଷ ଜଲ୍‌ସା ସାଲାନା ଜର୍ମାନୀରେ ସାମିଲ ହୋଇଥିଲେ ଓ ଏ ବର୍ଷ ଅଲ୍ଲାଃ ତାଲାଙ୍କ କୃପାରୁ ବୟତ କରି ଯମାତ୍‌ରେ ସାମିଲ ହୋଇଛନ୍ତି । ସେ କହୁଛନ୍ତି ଜଲ୍‌ସା ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ବହୁତ କିଛି ଶିଖିବାକୁ ମିଳିଲା ଯାହା ମୋ ଜୀବନରେ କାମରେ ଆସିବ ।

ଆଉ ଜଣେ ଅତିଥି Ridvan Dimirov ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି: ଜଲ୍‌ସା ସାଲାନା ସବୁ ଲୋକମାନଙ୍କୁ ଏକଥାର ଅବସର ପ୍ରଦାନ କରୁଛି ଯେ, ସେମାନେ ଇସ୍‌ଲାମ୍ ସମ୍ବନ୍ଧରେ ତତ୍‌ସହିତ ବିଭିନ୍ନ ଧର୍ମ ଓ ସଭ୍ୟତା ସମ୍ବନ୍ଧରେ ଜ୍ଞାନ ହାସଲ କରନ୍ତୁ । ଏହି ଜଲ୍‌ସାରେ ସାରା ଦୁନିଆରୁ ଲୋକେ ଆସି ସାମିଲ ହେଉଛନ୍ତି । ଜଲ୍‌ସା ହେଉଛି ଏପରି ଏକ ସ୍ଥାନ ଯେଉଁଠି ପ୍ରତ୍ୟେକଙ୍କ ଇମାନ୍ ଏବଂ ଆସ୍ଥାରେ ବୃଦ୍ଧି ଘଟିଥାଏ । ମତେ ଗୋଟିଏ ସ୍ଥାନରେ ମୁସଲମାନମାନଙ୍କ ସହିତ ଅନ୍ୟ ଧର୍ମାବଲମ୍ବିମାନଙ୍କୁ ଦେଖି ବହୁତ ଭଲ ଲାଗିଲା ।

ଓ୍ୱଫଦ୍‌ରେ ସାମିଲ ହୋଇଥିବା ଆଉଜଣେ ଅତିଥି Sevdjan Sulejnanovski ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଆଜି ମୁଁ ଅହମଦିୟତ ଗ୍ରହଣ କରିଛି ଏବଂ ଏହି ସମ୍ମାନ ମିଳିଥିବାରୁ ମୁଁ ବହୁତ ଆନନ୍ଦିତ । ଏ ବର୍ଷ ଜଲ୍‌ସାରେ ମୁଁ ଅଧିକ ସଂଖ୍ୟାର ଲୋକମାନଙ୍କୁ ଦେଖିଲି, ଖାଇବା ପିଇବା ଓ ରହିବାର ବ୍ୟବସ୍ଥା ବହୁତ ଭଲ ଥିଲା । ଖଲିଫତୁଲ୍ ମସିହିଲ୍‌ଙ୍କ ଭାଷଣଗୁଡ଼ିକ ବହୁତ ଭଲ ଲାଗିଲା । କାରଣ ଇସ୍‌ଲାମ୍ ସମ୍ବନ୍ଧରେ ସେ ବହୁତ ଉତମ ଶୈଳୀରେ ବତାଉଥିଲେ । ବିଶେଷରୂପେ ଯେତେବେଳେ ସେ ଇସ୍‌ଲାମ୍ ସମ୍ବନ୍ଧରେ ସଂକ୍ଷିପ୍ତ ରୂପେ ତା'ର ସ୍ପଷ୍ଟିକରଣ ଦେଉଥିଲେ । ସେ ସହଜ ଓ ସାଧା ବାକ୍ୟରେ ବତାଉଥିଲେ । ମୋ ମତରେ ୨୦୧୯ ମସିହାର ଜଲ୍‌ସାଟି ବହୁତ ସଫଳ ହୋଇଛି ।

ଆଉ ଜଣେ ବନ୍ଧୁ ପଚାରିଲେ ଯେ, ପବିତ୍ର କୋରାନ୍‌ରୁ ଖିଲାଫତ୍ ସମ୍ବନ୍ଧରେ ମାର୍ଗଦର୍ଶନ କରାନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ମୋମିନ୍‌ମାନଙ୍କ ସହିତ, ପୁଣ୍ୟବାନମାନଙ୍କ ସହିତ ଏ ପ୍ରତିଶୃତି କରିଛନ୍ତି ଯେ, ଯେଉଁ ପୂଣ୍ୟପ୍ରକୃତିର ଲୋକମାନେ ସତ୍‌କର୍ମ କରିବେ, ସେମାନଙ୍କୁ ଖିଲାଫତ୍‌ର ପୁରସ୍କାର ପ୍ରଦାନ କରାଯିବ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କୁ ଉପାସନା କରିବାକୁ ହେବ ଓ ଖୁଦାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ । ଖିଲାଫତ୍ ସହିତ ଯୋଡ଼ି ହୋଇ ରୁହନ୍ତୁ, ତାହାର ଆଜ୍ଞାପାଳନ କରନ୍ତୁ, ଖୁଦାଙ୍କ ସହିତ ସମ୍ପର୍କ ସ୍ଥାପନ କରନ୍ତୁ ଓ ନିଜର କର୍ମକୁ ସଠିକ୍ ରୂପେ ସମ୍ପାଦନ କରନ୍ତୁ ।

ହଜରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ, ମୁଁ ହେଉଛି ଖାତ୍‌ମୁଲ୍ ଖୋଲଫାଆ ଏବେ ମସିହ୍ ମଉଦ୍ ଆ:ସଙ୍କ ସହିତ ଯୋଡ଼ି ହୋଇ ଖିଲାଫତ୍ ଆଗକୁ ଜାରି ରହିବ । ଏତଦ୍ ଭିନ୍ନ ଆଉ କୌଣସି ଖିଲାଫତ୍ ନାହିଁ ଓ ନା ଏହା ବ୍ୟତିତ ଆଉ କୌଣସି ଖିଲାଫତ୍ ଜାରି ରହିବ । ଯେଉଁ ଖିଲାଫତ୍ ଚରମପନ୍ଥୀର ଶିକ୍ଷା ଦେଇଥାଏ, ସନ୍ତ୍ରାସବାଦର ଶିକ୍ଷା ଦେଇଥାଏ ଏବା ହଣାମରା କରିବାକୁ ଉତ୍ସୁକାଉ ଥାଏ ତାହା କଦାପି ଖିଲାଫତ୍ ନୁହେଁ ।

ଆଉ ଜଣେ ବନ୍ଧୁ ପଚାରିଲେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଏପରି କୌଣସି ହଦୀସ ଅଛି କି, ଯେଉଁଥିରେ ମସିହଙ୍କ ଆସିବାର ସମୟ ବର୍ଣ୍ଣନା ହୋଇଥିବ? ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏ ହଦିସ୍ ଅଛି ଯେ ନବୁଓ୍ୱତ୍ ପରେ ଖିଲାଫତେ ଆଲା ମିନ୍‌ହାଯେ ନବୁଓ୍ୱତ୍ ଅର୍ଥାତ ନବୁଓ୍ୱତ୍‌ର ମାର୍ଗରେ ଖିଲାଫତ ପ୍ରତିଷ୍ଠା ହେବ । ପୁଣି ଦୁଃଖ ପ୍ରଦାନ କାରି ସମ୍ରାଟମାନେ ହେବେ ତାହାପରେ ପୁଣି ତା'ଠାରୁ ବଳି ଜୋରଜବରଦସ୍ତ ବଳ ପ୍ରୟୋଗ କରୁଥିବା ସାମ୍ରାଜ୍ୟ ସ୍ଥାପନ ହେବ । ତା'ପରେ ପୁଣି ଏହି ଅତ୍ୟାଚାର ଓ ଦୁର୍ଦ୍ଦଶାର ଯୁଗ ଶେଷ ହୋଇଯିବ ଏବଂ ନବୁଓ୍ୱତ୍‌ର ଶୈଳୀରେ ଖିଲାଫତ ପ୍ରତିଷ୍ଠା ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଁ ହଜ୍‌ରତ୍ ସ:ଆ:ସ ଆସିବାକୁ ଥିବା ମେହେଦୀଙ୍କ ପାଇଁ ଯେଉଁ ଲକ୍ଷଣମାନ ବତାଇଛନ୍ତି ସେଥିରେ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣକୁ ମଧ୍ୟ ଗୋଟିଏ ଲକ୍ଷଣ ରୂପେ ଅଭିହିତ କରିଛନ୍ତି । ଯେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ମସିହି ଓ ମେହେଦୀ ହେବାର ଦାବି କଲେ ସେତେବେଳେ ଲୋକମାନେ କହିଲେ ଯେ, ଏ ପର୍ଯ୍ୟନ୍ତ ତ ଚନ୍ଦ୍ର ଓ ସୂର୍ଯ୍ୟଗ୍ରହଣର ନିଶାନ୍ (ନିଦର୍ଶନ) ପୂରଣ ହେଲାନାହିଁ । ସୁତରାଂ ୧୮୯୪ ମସିହାରେ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରହଣ ଲାଗିଲା ଏବଂ ତା'ପରେ ପୁଣି ୧୮୯୫ ମସିହାରେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରହଣ ଲାଗିଲା ।

ହଜୁର ଅନଓ୍ୱର ଅ:ବ:ଅ ଏ ଉପଦେଶ ଦେଲେ ଯେ, ପୁସ୍ତକ ଦାଓ୍ୱତୁଲ୍ ଅମିର୍ ର ଅନୁବାଦ ମେସିଡ଼ୋନିଆନ୍ ଭାଷାରେ କରନ୍ତୁ । ସେଥିରେ ଆସିବାକୁ ଥିବା ମସିହ ଓ ମେହେଦୀଙ୍କ ପାଇଁ ଥିବା ନିଦର୍ଶନ ଗୁଡ଼ିକ ଉଲ୍ଲେଖ କରାଯାଇଛି । ତାଙ୍କୁ ବତାଇ ଦିଅ ଓ ଏହି ପୁସ୍ତକର ଅନୁବାଦ ଶିଘ୍ର କରାନ୍ତୁ ।

ଆଉ ଜଣେ ବନ୍ଧୁ କହିଲେ ଯେ, ମୋର ସମ୍ବନ୍ଧ ମେସିଡ଼ୋନିଆର ଗୋଟିଏ

---

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ<br>*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)* |
|---|---|

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''<br>*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ସହର ସହିତ ରହିଛି । ଆମେ ହ୍ୟୁମାନିଟି ଫାଷ୍ଟକୁ ଧନ୍ୟବାଦ ଜଣାଉଛୁ ଯେ, ସେମାନେ ପିଲାମାନଙ୍କ ନିମନ୍ତେ ଆମକୁ ଗୋଟିଏ ଗାଡ଼ି ଯୋଗେଇ ଦେଇଛନ୍ତି ।

ଆଉ ଜଣେ ବନ୍ଧୁ କହିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଧନ୍ୟବାଦ ଜଣାଉଛି ଯେ, ମତେ ହଜୁରଙ୍କ ସହିତ ପ୍ରତ୍ୟକ୍ଷ ରୂପେ କଥା ହେବାପାଇଁ ଅବସର ମିଳିଲା । ଆମେ ଯମାତ୍ ଅହେମଦୀୟା ଜର୍ମାନୀକୁ ଧନ୍ୟବାଦ ଜଣାଉଛୁ ଯେ, ସେମାନେ ନିଜେ ଭୂଇଁରେ ଶୋଇ ଆମପାଇଁ ହୋଟେଲ୍‌ରେ ରହିବାର ବ୍ୟବସ୍ଥା କରିଥିଲେ ।

କେତେକ ଅତିଥି ଆଉ ଜଣେ ମୂରବୀ ତାଙ୍କ ଦେଶକୁ ପଠାଇବାପାଇଁ ନିବେଦନ କଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କୁ ତ ଜଣେ ମୂରବୀ ଦିଆଯାଇଅଛି । ଇନ୍‌ଶାଅଲ୍ଲାଃ ଆହୁରି ମଧ୍ୟ ପଠାଇବୁ ।

ଜଣେ ଅଣଯମାତୀୟ ମହିଳା କହିଲେ ଯେ, ମୁଁ ପ୍ରଥମ ଥର ପାଇଁ ଜଲ୍‌ସାରେ ସାମିଲ ହୋଇଛି ଓ ଏ ସମସ୍ତ ବ୍ୟବସ୍ଥାକୁ ଦେଖି ବହୁତ ପ୍ରଭାବିତ ହେଲି । ଯେଉଁଭଳି ଲୋକମାନେ ଜଣେ ଅନ୍ୟଜଣକୁ ସାହାଯ୍ୟ କରୁଥିଲେ । ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ମୁଁ ଆସନ୍ତାକୁ ମଧ୍ୟ ଆସିବି ଓ ଆପଣଙ୍କ ଯମାତ୍‌ର ଅଂଶ ହେବି ।

Jani Redjepov ସାହେବ ନିଜର ମନୋଭାବ ବ୍ୟକ୍ତ କରି କହିଲେ । ମୁଁ ନିଜ ପରିବାର ସହିତ ପ୍ରଥମଥର ପାଇଁ ଏହି ଜଲ୍‌ସାରେ ସାମିଲ ହୋଇଛି । ଏହି ଜଲ୍‌ସା ବହୁତ ଭଲ ଲାଗିଲା । ଆମର ବହୁତ ଭଲଭାବେ ଦେଖଶୁଣା କରାଗଲା । ତେଣୁ ଏ ଜଲ୍‌ସା ମୋ ପାଇଁ ଏକ ସୁନ୍ଦର ଅନୁଭବ ଥିଲା । ହଜୁର ଅନଓ୍ୱର ଅ:ବ:ଅ ମଧ୍ୟ ବହୁତ ଲାଭକାରୀ କଥା ବର୍ଣ୍ଣନା କଲେ । ମେସିଡ଼ୋନିଆରେ ଯେତେବେଳେ ମୁଁ ପ୍ରଥମଥର ଅହେମଦୀୟତର ବାର୍ତା ପାଇଲି ସେତେବେଳେ ମୁଁ ଅନୁଭବ କରିଥିଲି ଯେ ଅହେମଦୀୟତର ବାର୍ତା ଲୋକମାନଙ୍କ ପାଇଁ ସକାରାତ୍ମକ ମାର୍ଗଦର୍ଶନର କାର୍ଯ୍ୟ କରିବ । ପ୍ରଥମେ ମୋ ଫ୍ୟାମିଲି ଏ ବାର୍ତାକୁ ଗ୍ରହଣ କଲେ । ତା'ପରେ ମୋର ମାର୍ଗଦର୍ଶନ କରାଇଲେ । ଜଲ୍‌ସା ସାଲାନାରେ ଯୋଗ ଦେବାର ବ୍ୟବସ୍ଥା କରାଇଥିବା ଯୋଗୁଁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

Tanja Lazarova ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ମୁଁ ପ୍ରଥମଥର ପାଇଁ ଜଲ୍‌ସାରେ ସାମିଲ ହୋଇଛି ଏଠାରେ ସବୁକିଛି ମୋ ପାଇଁ ନୂଆ ଥିଲା । ସବୁ ବ୍ୟବସ୍ଥା ସବୁ କ୍ଷେତ୍ରରୁ ଉଚ୍ଚକୋଟିର ଥିଲା ବିଶେଷରୂପେ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଥିବା ଲୋକମାନଙ୍କର ବ୍ୟବହାର ବନ୍ଧୁତ୍ୱପୂର୍ଣ୍ଣ ଥିଲା ଓ ସେମାନଙ୍କର ଚେହେରା ହସହସ ଥିଲା । ଖାଦ୍ୟ ମଧ୍ୟ ବହୁତ ସ୍ୱାଦିଷ୍ଟ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଓ ସମସ୍ତଙ୍କ ପାଇଁ ବୋଧଗମ୍ୟ ହେଉଥିଲା । ସେ ପୁଣି କହୁଛନ୍ତି ଯେ, ଯେଉଁ ନୂଆ ଅତିଥିମାନେ ଆସିଥିଲେ ସେମାନେ ଯମାତ୍‌ର ବ୍ୟବସ୍ଥାକୁ ଦେଖି ଓ ଆତିଥ୍ୟତାକୁ ଦେଖି ବହୁତ ପ୍ରଭାବିତ ହୋଇଥିଲେ । ସେହିଭଳି ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ଓ ଜ୍ଞାନଦ୍ୱାରା ବହୁତ ପ୍ରଭାବିତ ହୋଇଥିଲେ ଏବଂ ପୂର୍ନବାର ଏଠାକୁ ଆସିବାପାଇଁ ଇଚ୍ଛା ମଧ୍ୟ ପ୍ରକାଶ କରିଛନ୍ତି ।

ମେସିଡ଼ୋନିଆ ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୬:୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇବାର ଓ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କରିଲେ ।

❋❋❋❋❋❋❋❋❋❋❋❋

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଟ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## M.Sc. Physics + B.Ed ଶିକ୍ଷକ ଆବଶ୍ୟକ

ସଦର ଅଞ୍ଜୁମନ୍ ଅହେମଦୀୟାନ୍ ଅନ୍ତର୍ଗତ ନିଜାରତ୍ ତାଲିମ୍‌ରେ ଜଣେ ପ୍ରାର୍ଥୀ ଆବଶ୍ୟକ । ନିମ୍ନଲିଖିତ ବିବରଣୀ ମୁତାବକ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ଏତେଲା ଦିଆଯାଉଅଛି ଯେ:-

❁ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା UGC ଦ୍ୱାରା ମଞ୍ଜୁରପ୍ରାପ୍ତ ଯେକୌଣସି ୟୁନିଭରସିଟିରୁ M.Sc. Physics + B.Ed ରେ ପଚାଶ ପ୍ରତିଶତ ନମ୍ବର ହେବା ଉଚିତ । ❁ କୌଣସି ସିନିୟର ସେକେଣ୍ଡାରୀ କ୍ଲାସ୍‌ରେ ଅତିକମ୍‌ରେ ଦୁଇବର୍ଷ ପଦାର୍ଥ ବିଜ୍ଞାନ ପଢ଼ାଇବାର ଅନୁଭବ ଥିବ । ❁ ପ୍ରାର୍ଥୀଙ୍କ ବୟସ ୨୨ ରୁ ୩୭ ବର୍ଷ ମଧ୍ୟରେ ହୋଇଥିବ । ❁ ସେହି ପ୍ରାର୍ଥୀଙ୍କୁ Interview ପାଇଁ ଡ଼କାଯିବ ଯିଏ ମର୍କଜି କମିଟି ବରାଏ ପ୍ରାର୍ଥୀ ଚୟନଙ୍କ ତରଫରୁ ନିଆଯାଇଥିବା ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହେବେ । ❁ ଲିଖିତ ପରୀକ୍ଷା ଏବଂ ରେ Interview ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ପେଶ୍ କରିବାକୁ ହେବ । ❁ Interview ରେ ଯୋଗଦେବା ପାଇଁ ପ୍ରାର୍ଥୀଙ୍କୁ କାଦିୟାନ୍‌ର ଯାତାୟାତ ଓ ମେଡ଼ିକାଲ୍‌ର ସମସ୍ତ ଖର୍ଚ୍ଚ ନିଜେ ବହନ କରିବାକୁ ହେବ । ❁ ଚୟନ ହେବା ସ୍ଥଳେ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ । ❁ ସାପ୍ତାହିକ ବଦର୍‌ରେ ଘୋଷଣା କରାଯିବାର ଦୁଇ ମାସ ପରେ ପରୀକ୍ଷାର ତାରିଖ ସମ୍ବନ୍ଧରେ ସୁଚିତ କରାଇ ଦିଆଯିବ । ❁ ଉପର ବର୍ଣ୍ଣିତ ପୋଷ୍ଟ ପାଇଁ ବିବରଣୀ ଫର୍ମ ନଜାରତ୍ ଦିଓ୍ୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୁର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାର୍ଯ୍ୟକାରୀ ହେବ ।

## ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ ଶିକ୍ଷକଙ୍କ ଆବଶ୍ୟକ ଅଛି

ଦାରୁଲ୍ ସନାଅତ୍ ବିଭାଗ କାଦିୟାନ୍‌ରେ ଏୟାରକଣ୍ଡିସନ୍ କାମ ଶିକ୍ଷା ଦେଉଥିବା Instructor, ପ୍ରଥମ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ଅଛି । ଦାରୁଲ୍ ସନାଅତ୍ ବିଭାଗରେ ସାରା ଭାରତରୁ ଆସିଥିବା ଶିକ୍ଷାର୍ଥୀମାନଙ୍କୁ ଏୟାରକଣ୍ଡିସନ୍ କାମ Practial ଏବଂ Theory ଶିକ୍ଷାଦାନ କରିବା ତାଙ୍କର ଦାୟିତ୍ୱ ହେବ । ❁ ପ୍ରାର୍ଥୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ମେଟ୍ରିକ୍ ପାସ ହୋଇଥିବ ଓ ସମ୍ବନ୍ଧୀୟ ବିଭାଗରେ ଅତିକମ୍‌ରେ NSIC/ITI ବା ତା ବରାବର୍ ଡ଼ିପ୍ଲୋମା/ କୋର୍ସ କରିଥିବେ । ❁ ଜନ୍ମ ତାରିଖ ପାଇଁ ଜନ୍ମ ପ୍ରମାଣପତ୍ର ସାର୍ଟିଫିକେଟର ନକଲ କପି ଦେବା ଜରୁରୀ ହେବ । ❁ ପ୍ରାର୍ଥୀଙ୍କ ପାଇଁ ଏହା ଜରୁରୀ ଯେ ସେ ଛାତ୍ରମାନଙ୍କୁ Theory ପଢ଼ାଇ ପାରୁଥିବେ ଏବଂ Practical ମଧ୍ୟ ଭଲ ଶୈଳୀରେ Demonstrate କରିପାରୁଥିବେ । ❁ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ Interview ରେ ପାସ୍ ହେବେ । Interview ପାଇଁ କାଦିୟାନ୍ ଯିବା ଆସିବାର ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ । Interview ରେ ସଫଳ ହୋଇଥିବା ପ୍ରାର୍ଥୀ ନିଜେ ରହିବାର ବ୍ୟବସ୍ଥା କରିବେ । ❁ ସେହି ପ୍ରାର୍ଥୀଙ୍କୁ ସେବା କରିବାର ସୁଯୋଗ ମିଳିବ ଯିଏ ନୂର୍ ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ । ❁ ପ୍ରାଥୀଙ୍କ ପାଇଁ ନିଜାରତ୍ ଦିଓ୍ୱାନ୍ ତରଫରୁ ଜାରି କରାଯାଇଥିବା ଫର୍ମ, ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଜନ୍ମ ତାରିଖର ସରକାରୀ ସାର୍ଟିଫିକେଟ୍, ଆଧାର କାର୍ଡ଼ ଓ ଜମାତି IND Card ର ଫୋଟକପି ସାଙ୍ଗରେ ଆଣିବା ଜରୁରୀ ହେବ । ❁ ଦରଖାସ୍ତ ଫର୍ମ ନିଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ଙ୍କଠାରୁ ହାସଲ କରିପାରିବେ । ଏହି ଏଲାନ୍ (ଘୋଷଣା)ର ତିନି ମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ । ❁ ଇଚ୍ଛୁକ ପ୍ରାର୍ଥୀ ନିଜର ଦରଖାସ୍ତ ଛପାଯାଇଥିବା ଫର୍ମ ଉପରେ ନିଜର ସଦର ଯମାତ୍ / ମୁବଲ୍ଲିଗ୍ ଇନ୍‌ଚାର୍ଜ / ଜିଲ୍ଲା ଅମୀରଙ୍କ ତସ୍‌ଦକି ଦସ୍ତଖତ ମୋହର ସହିତ ନିମ୍ନଲିଖିତ ଠିକଣାରେ ପଠାଇପାରିବେ । ❁ Interview ସମୟରେ ନିଜର ଅସଲ ସାର୍ଟିଫିକେଟଗୁଡ଼ିକୁ ସାଥିରେ ଆଣିଥିବେ ।

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ:**

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**

**Email: diwan@qadian.in, 01872-501130, 9646351280, 9464066686**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 25 June 2020 Issue No. 26

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ଜୁଲାଇ ୨୦୧୯)

## ୮ ଜୁଲାଇ ୨୦୧୯ (ସୋମବାର)ର ରିପୋର୍ଟ

### ବୋସ୍‌ନିଆ ପ୍ରତିନିଧିମଣ୍ଡଳର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାରର ଝଲକାଅଂଶ

ବୋସନିଆର ସ୍ଥାନିୟ ମୁଅଲିମ୍ ସାହବ ହଜୁର ଅନଓ୍ୱର ଅ:ବ:ଅ ଗୋଚରେ ତାଙ୍କ ବାପା ଓ ତାଙ୍କ ପତ୍ନୀଙ୍କ ତରଫରୁ ସଲାମ ପହଂଚାଇଲେ ଓ କହିଲେ ଯେ ମୁଁ ଯମାତ୍‌ର କିଭଳି ଉତମଭାବେ ସେବା କରିପାରିବି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅହେମଦୀୟତର ବାର୍ତାକୁ ପ୍ରସାର କର, ଦୁଆ କର ଏବଂ ପରିଶ୍ରମ କରି ନିଜର କାର୍ଯ୍ୟ କର । ଆପଣ ଯାହା କିଛି ମଧ୍ୟ ହାସଲ କରିବାକୁ ଚାହୁଁଛନ୍ତି ତାହା ଦୁଆ ଦ୍ୱାରା ହିଁ କରିପାରିବେ । ପାଂଚବେଳା ନମାଜ ବ୍ୟତିତ ନଓ୍ୱାଫିଲ୍ ଏବଂ ତହଜ୍ଜୁଦ୍ ମଧ୍ୟ ପାଠ କରନ୍ତୁ । ଯମାତ୍‌ର ଲିଟରେଚର ଓ ପୁସ୍ତକଗୁଡ଼ିକୁ ଅଧ୍ୟୟନ କରନ୍ତୁ ଓ ନିଜର ଧର୍ମଜ୍ଞାନକୁ ବଢ଼ାନ୍ତୁ ।

**Emina Chaoshevich** ନାମକ ଜଣେ ଛାତ୍ରୀ ନିଜ ମାଆଙ୍କ ସହିତ ଏହି ଜଲ୍‌ସାରେ ସାମିଲ ହୋଇଥିଲେ । ସେ କହୁଛନ୍ତି: ମହିଳାମାନଙ୍କ ନିମନ୍ତେ ଥିବା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ପରେ ଯେତେବେଳେ ନାରା ଲଗାଯାଉଥିଲା ସେତେବେଳେ ମୁଁ ଭାବୁଥିଲି ଯେ, ଏତେମାତ୍ରାରେ କୋଳାହଳ କରିବାର କଣ ଆବଶ୍ୟକ ଅଛି । କିନ୍ତୁ ଅଳ୍ପ ସମୟପରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରୁ ବାହାରକୁ ଚାଲଯାଉଥିଲେ ସେତେବେଳେ ମୋ ଦୃଷ୍ଟିହଜୁର ଅନଓ୍ୱର ଅ:ବ:ଅଙ୍କ ଅସ୍ତିତ୍ୱ ଉପରେ ପଡ଼ିଲା ଓ ଆପଣା ଛାଏଁ ମୋ ଆଖିରୁ ଅଶ୍ରୁ ଧାର ଧାର ହୋଇ ବହିଗଲା ଏବଂ ମୋ ମୁହଁରେ ଏ ଶବ୍ଦ ସ୍ୱତଃପ୍ରୁତ ଭାବେ ବାହାରି ଆସିଲା ଯେ "ଯେ ହେଉଛନ୍ତି ସ୍ୱର୍ଗଲୋକର ଦେବଦୂତ ଇଏ ପୃଥିବୀଲୋକର ମନୁଷ୍ୟ ନୁହନ୍ତି" । ପୁଣି କହିଲେ ମତେ ଜଲ୍‌ସାରେ ସାମିଲ ହୋଇ ଏହା ଅନୁଭବ ହେଲା ଯେ, ଏହି ଜଲ୍‌ସାର ପରିବେଶରେ ଏପରି ଶକ୍ତି ଓ ପ୍ରଭାବ ରହିଛି ଯେ, ଆଧାତ୍ମିକ ରୂପେ ମୃତ ବ୍ୟକ୍ତିଙ୍କ ମଧ୍ୟରେ ଜୀବନର ଆତ୍ମା ଚାଲିଆସିଥାଏ ।

**Armin Muzkich** ଯିଏ ହେଉଛନ୍ତି ଜେନିକା ସହରର ପବ୍ଲିକ୍ ରିଲେସନ୍ ଅଫିସର ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଏହି ଜଲ୍‌ସା ଏହାର ସମସ୍ତ ବ୍ୟବସ୍ଥା ବହୁତ ମହାନ ଅନୁଭବ ଥିଲା । ଯମାତ୍ ଅହେମଦୀୟା ଜର୍ମାନୀର ଅତିଥିପରାୟଣତା ଏବଂ ଇସ୍‌ଲାମ୍‌ର ସେବା କରିବାପାଇଁ ଥିବା ମନୋଭାବ ଏବଂ ବଳିଦାନ ମତେ ବହୁତ ପ୍ରଭାବିତ କରିଛି । ଜଲ୍‌ସାର ଭାଷଣଗୁଡ଼ିକ ବହୁତ ଉଚ୍ଚକୋଟୀର ଥିଲା ଓ ସେଥିରେ ବର୍ଣ୍ଣନା କରାଯାଇଥିବା ବିଷୟଗୁଡ଼ିକର ସମ୍ବନ୍ଧ ଆମ ନିଜି ଜୀବନ ସହିତ ଜଡ଼ିତ ଥିଲା । ସେହିପରି ଅତିଥିମାନଙ୍କ ପାଇଁ ଥିବା ଆବାସସ୍ଥଳୀ, ଟ୍ରାନ୍‌ସପୋର୍ଟ ଇତ୍ୟାଦିର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଓ ଆରାମ ଦାୟକ ଥିଲା । ଏହିସବୁ କଥାକୁ ମୁଁ ହୃଦୟର ଗଭୀରରୁ ଓ ଆନ୍ତରିକ ପ୍ରାର୍ଥନା ସହିତ ଲେଖୁଅଛି ।

**Elma Krehmiche** ନିଜର ମନୋଭାବକୁ ଏଭଳି ବର୍ଣ୍ଣନା କରିଛନ୍ତି ଯେ, ମୁଁ ଏହି ଅବସରରୁ ଲାଭ ଉଠାଇ ଯମାତ୍ ଅହେମଦୀୟାକୁ ଧନ୍ୟବାଦ ଅର୍ପଣ କରୁଛି ଯେ, ମତେ ଏହି ମହାନ୍ ଜଲ୍‌ସାରେ ସାମିଲ ହେବାପାଇଁ ନିମନ୍ତ୍ରଣ କରାଯାଇଅଛି । ଏଠାରେ ଅତିଥି ପରାୟଣତା ଓ ଜଲ୍‌ସା ସହିତ ସମ୍ବନ୍ଧିତ ସମସ୍ତ ବ୍ୟବସ୍ଥା ମତେ ଆଶ୍ଚର୍ଯ୍ୟଜନକ ଭାବେ ପ୍ରଭାବିତ କରିଛି ଏବଂ ବିଶେଷ ଭାବେ ମୋର ଏହି ଓ୍ୱିକ୍ ଏଣ୍ଡ ଏଭଳି ଲୋକମାନଙ୍କ ସହିତ ବିତିଛି ଯେ, ସେମାନଙ୍କ ଚେହେରାରୁ ସର୍ବଦା ହସ ଫୁଟି ଉଠୁଥିଲା ଏବଂ ଏହି ପରିବେଶଟି ଏଭଳି ଥିଲା ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଏକଥା ଅନୁଭବ କରୁଥିଲା ଯେ, ଯେପରି ସେ ନିଜ ଘରେ ହିଁ ଅଛି ।

ଆଉ ଜଣେ ଯୁବକ ଯାହାଙ୍କ ବିଭାଘର ଗତବର୍ଷ ହୋଇଛି । ସେ କହିଲେ ମୋର ବିବାହ ଗତବର୍ଷ ଜଣେ ଅହେମଦୀ ମହିଳାଙ୍କ ସହିତ ହୋଇଛି । ମୋ ପତ୍ନୀ ବୟତ କରିଥିଲେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ପାଇଁ ଦୁଆ କରୁଛି ଯେ, ଖୁଦାତାଲା ହଜୁରଙ୍କୁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ଓ ହଜୁରଙ୍କ ବୟସକୁ ବୃଦ୍ଧି କରନ୍ତୁ ଏବଂ ହଜୁରଙ୍କର ଛତ୍ରଛାୟା ଆମ ଉପରେ ରହୁ । ସେ ମହାଶୟ ତାଙ୍କ ପତ୍ନୀଙ୍କ ପାଇଁ ମଧ୍ୟ ଦୁଆ କରିବାପାଇଁ ନିବେଦନ କଲେ ।

ଜଣେ ନୂଆ ଅହେମଦୀ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କାଦିୟାନ ଯିବାପାଇଁ ତାଙ୍କୁ ମଞ୍ଜୁରି ଦେଇଛନ୍ତି । ସେ ତାଙ୍କ ପାଇଁ ଦୁଆ କରିବାକୁ ନିବେଦନ କଲେ ।

ସ୍ଥାନୀୟ ମୁଅଲିମ୍ ସାହେବଙ୍କ ମାଆ କହିଲେ ଯେ, ଆମେ ଜଲ୍‌ସାରେ ଦେଖିବାକୁ ପାଇଲୁ ଯେ, ଅହେମଦୀ ପିଲାମାନଙ୍କର କିଭଳି ପ୍ରଶିକ୍ଷଣ ହୋଇଅଛି ଓ ସେ ପିଲାମାନେ କିଭଳି ସେବା କରୁଥିଲେ । ଆମ ପାଇଁ ଦୁଆ କରନ୍ତୁ ଯେ, ଆମେ ମାଆମାନେ ମଧ୍ୟ ନିଜ ପିଲାମାନଙ୍କର ଏହିଭଳି ତର୍‌ବୀୟତ କରିପାରିବୁ ।

ଜଣେ ଗୈର୍ ଅହେମଦୀ ମହିଳା କହିଲେ ଯେ, ଆମକୁ ଏହି ଜଲ୍‌ସାରେ ସାମିଲ ହୋଇ ଆଧାତ୍ମିକ ଆରୋଗ୍ୟ ମିଳିଅଛି । ଆମ ଭିତରେ ଆଧାତ୍ମିକତାର ପ୍ରଭାବ ପ୍ରକାଶ ହେଉଅଛି । ଆମର ପ୍ରଶିକ୍ଷଣ ହେଉଅଛି ଓ ଆମକୁ ଖୁଦା ମିଳିଥାଏ । ହଜୁର ହେଉଛନ୍ତି ଖୁଦାଙ୍କର ପ୍ରୀୟଲୋକ ସେ ଯେଉଁ ଆଡ଼କୁ ପାଦ ବଢ଼ାଉଛନ୍ତି ସେ ପଟକୁ ବର୍‌କତ୍ ହେଉଅଛି । ଖୁଦାଙ୍କ ଫରିସ୍ତା ତାଙ୍କ ସାଥିରେ ଅଛନ୍ତି । ଏହା ସବୁ କିଛି ଆମେ ଅନୁଭବ କରିସାରିଛୁ ।

**Amina Muikich** ସାହିବା ଏ ବର୍ଷ ବୋଶ୍‌ନିଆରୁ ଜଲ୍‌ସାରେ ସାମିଲ ହେବାପାଇଁ ଆସିଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଯେଉଁଠି ଏହି ପ୍ରକାରର ଜଲ୍‌ସା ଓ ପ୍ରୋଗ୍ରାମର ସମ୍ବନ୍ଧ ରହିଛି ମୋ ପାଇଁ ଏହା ଏକ ନୂଆ କଥା ଥିଲା ଯେ, ଏତେମାତ୍ରାରେ ବ୍ୟାପକ ବ୍ୟବସ୍ଥା ଏବଂ ଅତ୍ୟନ୍ତ ସୁନ୍ଦର ସୁବ୍ୟବସ୍ଥା ଓ ଶାନ୍ତି ପ୍ରୀୟ ପରିବେଶରେ ଏହା ଅନୁଷ୍ଠିତ ହେଉଥିଲା । ଏ ଜଲ୍‌ସା ମୋ ମନ ଭିତରେ ଗଭୀର ପ୍ରଭାବ ପକାଇଛି । ଆପଣମାନଙ୍କ ମଧ୍ୟରେ ବିତାଇ ଥିବା ଏହି ଚାରିଦିନ ବହୁତ ମନମୁଗ୍ଧକାରୀ ଦିନମାନ ଥିଲା । ମୁଁ ହୃଦୟର ଗଭୀରତମ ପ୍ରଦେଶରୁ ଆପଣ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି ।

**Velida Kurtagich** ଏ ବର୍ଷ ବୋଶ୍‌ନିଆରୁ ଆସି ଜଲ୍‌ସା ସାଲାନାରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ଯଦିଚ ମୁଁ ଅହେମଦୀ ନୁହେଁ କିନ୍ତୁ ମୁଁ ଏହି ଜଲ୍‌ସାର ପରିବେଶରୁ ବହୁତ ଲାଭ ଉଠାଇଛି ମୁଁ ଆଶା କରୁଛି ଯେ ଖୁଦାତାଲା ମତେ ସିଧା ରାସ୍ତାଆଡ଼କୁ ମାର୍ଗଦର୍ଶନ କରାଇବେ । ମୁଁ ଆପଣଙ୍କୁ ଦୁଆ କରିବାପାଇଁ ନିବେଦନ କରୁଛି ଯେ, ଅଲ୍ଲାଃ ତାଲା ମତେ ସଠିକ୍ ମାର୍ଗ ପ୍ରତି ମାର୍ଗଦର୍ଶନ କରାନ୍ତୁ ଓ ମୁଁ ଜଣେ ଉଦାହରଣୀୟ ମୁସଲମାନ ହୋଇପାରେ ।

ଅଦିବ୍ ସାହେବ୍ ବୋସ୍‌ନିଆର ଓ୍ୱଫଦ୍‌ରେ ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ଏପରି ବ୍ୟକ୍ତି କରିଛନ୍ତି କି, ମୋର ଏ ସୌଭାଗ୍ୟ ଯେ ଏ ବର୍ଷ ମତେ ଜଲ୍‌ସା ସାଲାନାରେ ଯୋଗ ଦେବାପାଇଁ ଅବସର ମିଳିଛି । ମୁଁ ଖୋଲାଖୋଲି ଭାବେ ଏକଥା କହିପାରେ ଯେ, ଯମାତ୍ ଅହେମଦୀୟାର ସଦସ୍ୟମାନଙ୍କର ନିଷ୍ପାପର ସେବା ମନବୃତି ମତେ ସ୍ତମ୍ଭିଭୁତ କରିଦେଇଥିଲା ଯେ, ଏତେ ମହାନ୍ ବ୍ୟବସ୍ଥାକୁ ସେମାନେ କିଭଳି ବହୁତ ସହଜତାର ସହିତ ସମ୍ପାଦନ କଲେ । ଏହିପରି ଶାନ୍ତିପ୍ରୀୟ ପରିବେଶଟି ମୋ ମନ ଉପରେ ବହୁତ ଗଭୀର ପ୍ରଭାବ ପକାଇଛି । ଜଲ୍‌ସାଗାଃ ଏବଂ ତା ଆଖପାଖ ପରିବେଶରେ ସ୍ୱଛତା ଓ ପରିମଳ ବ୍ୟବସ୍ଥା ବହୁତ ଉଚ୍ଚକୋଟୀର ଥିଲା । ସିକ୍ୟୁରିଟିରେ ଡ୍ୟୁଟି ଦେଉଥିବା ସଦସ୍ୟମାନେ ବହୁତ ଆନନ୍ଦ ଚିତରେ ଓ ପ୍ରେମର ସହିତ ନିଜ କାର୍ଯ୍ୟକୁ ସମ୍ପାଦନ କରୁଥିଲେ । ଜଲ୍‌ସା ଦିନ ଗୁଡ଼ିକରେ ମତେ କେଉଁଠାରେ ମଧ୍ୟ କୌଣସି ପ୍ରକାରର ବିଭ୍ରାଟ ବା ଅଶାନ୍ତି ଦେଖିବାକୁ ମିଳିନାହିଁ ଓ ଶେଷରେ ମତେ ଏ ସୌଭାଗ୍ୟ ମିଳିଲା ଯେ, ମୁଁ ଯମାତ୍ ଅହେମଦୀୟରେ ଇମାମ୍‌ଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲି । ଯେତେବେଳେ ମତେ ହାତ ମିଳାଇବାର ସୁଯୋଗ ମିଳିଲା ସେତେବେଳେ ମୋର ଆନନ୍ଦର ସୀମା ନଥିଲା । ମୋ ପାଇଁ ଏହା ବହୁତ ବଡ଼ ସମ୍ମାନ । ଅଲ୍ଲାଃ ତାଲା ଆପଣ ସମସ୍ତଙ୍କୁ ଏହାର ଉତମ ପ୍ରତିଫଳ ପ୍ରଦାନ କରନ୍ତୁ ଓ ଯେଉଁ ଉଦେଶ୍ୟ ପାଇଁ ଆପଣ ଏଠାରେ ଏକତ୍ରିତ ହୋଇଛନ୍ତି ସେଥିରେ ସଫଳ କରନ୍ତୁ ।

ମୁସ୍ତଫା ସାହେବଙ୍କ ଜନ୍ମ ୧୯୩୩ ମସିହାରେ ହୋଇଛି । ସେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିବା ସୌକରେ ବସ୍ ଜରିଆରେ ଯାତ୍ରା କରି ଏହି ଜଲ୍‌ସାରେ ସାମିଲ ହୋଇଥିଲେ । ସାକ୍ଷାତକାର ସମୟରେ ସେ ଏକଥା କହିଥିଲେ ଯେ, ମୁଁ ଜଣେ ଅଶିକ୍ଷିତ ବୁଢ଼ା ବ୍ୟକ୍ତି ମତେ ବହୁତ ଗୁଡ଼ିଏ ଧାର୍ମିକ ସମ୍ମିଳନୀରେ ଯୋଗ ଦେବାପାଇଁ ଅବସର ମିଳିଥାଏ । ମତେ ହଜ୍ କରିବାପାଇଁ ମଧ୍ୟ ସୌଭାଗ୍ୟ ମିଳିଛି । କିନ୍ତୁ ଯମାତ୍‌ର ଜଲ୍‌ସାରେ ଓ ଅନ୍ୟାନ୍ୟ ସମ୍ମିଳନୀ ମଧ୍ୟରେ ଯେଉଁ ପ୍ରଭେଦ ରହିଛି ତାହା ହେଉଛି ଏହା କି, ଅନ୍ୟାନ୍ୟ ସମ୍ମିଳନୀ କେବଳ ଗୋଟିଏ ଜନସମାବେଶ ହୋଇଥାଏ । କନ୍ତୁ ଯମାତ୍‌ର ଜଲ୍‌ସାରେ ଆଧାତ୍ମିକତା ରହିଛି । ଏଭଳି ଆଧାତ୍ମିକତା ମତେ ଆଉ କେଉଁଠି ଦେଖିବାକୁ ମିଳିନାହିଁ । ଯମାତ୍‌ର ଜଲ୍‌ସା ହେଉଛି ଏ ଜାତକୁ ଏକତା ଓ ଆପୋଷ ପ୍ରେମଭାବ ଏବଂ ଭାଇଚାରା ଜୀବନର ପ୍ରତିଛବି । ଏଥିରେ

ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan